

## ପତ୍ନୀଙ୍କୁ ଅଶ୍ଳୀଳ ମେସେଜ୍; ସ୍ୱାମୀଙ୍କୁ ହତ୍ୟା ଘଟଣା

# ଦୁଇ ମହିଳାଙ୍କ ସମେତ ୧୦ ଗିରଫ

ଭୁବନେଶ୍ୱର/ବାଲିପାଟଣା, ୧୯ ।୩(ସମିସ):

ରାଜଧାନୀ ଉପକଣ୍ଠ ବାଲିପାଟଣା ମଝିହରା ମହଲା ସାହିରେ ଅକ୍ଷୟ ମାଝି ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ କରିଛି କମିସନରେଟ୍ ପୁଲିସ । ଏହି ବୀଭତ୍ସ ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ଦୁଇ ମହିଳା, ଜଣେ ନାବାଳକ ସମେତ ୧୦ଜଣଙ୍କୁ ଗିରଫ କରିଛି ବାଲିପାଟଣା ଥାନା ପୁଲିସ । ଗିରଫ ଅଭିଯୁକ୍ତମାନେ ହେଲେ କାଳନ୍ଦୀ ଭୋଇ, ବଳରାମ ପଲେଇ, ସୁନୀଲ ପଲେଇ, କେଦାରନାଥ ପଲେଇ, ବିଦେଶୀ ପଲେଇ, ନବକିଶୋର ପଲେଇ, କାଳନ୍ଦୀ ପଲେଇ, ସଂଯୁକ୍ତା ଦେଇ ଓ ରମାମଣି ପଲେଇ । ହତ୍ୟାରେ ବ୍ୟବହୃତ ରକ୍ତଭିଜା ପଥର, ଛୁରି ଓ ଲାଠି ଜବତ କରାଯାଇଛି । ଏହି ହତ୍ୟାକାଣ୍ଡର ମୁଖ୍ୟ ଖଳନାୟକ ଦିଲୁ ଭୋଇ ଫେରାର୍ ରହିଛି । ତାକୁ ଧରିବା ଲାଗି ଏକ ଟିମ୍ ଗଠନ କରାଯାଇଛି । କିଛି ପ୍ରମାଣ ମିଳିଛି, ଖୁବ୍‌ଶୀଘ୍ର ଦିଲୁକୁ ଗିରଫ କରାଯିବ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି ।



### କାହିଁକି ରଚିଥିଲେ ହତ୍ୟାକାଣ୍ଡ

ମୃତ ଅକ୍ଷୟଙ୍କ ପତ୍ନୀ ଶ୍ରାବଣୀଙ୍କୁ ଅଭିଯୁକ୍ତ ଦୀଲୁ ଅଶ୍ଳୀଳ ମେସେଜ୍ ପଠାଉଥିଲା । ଏଇକଥା ଅକ୍ଷୟ ଜାଣିବା ପରେ ସୃଷ୍ଟି ହୋଇଥିଲା ବିବାଦ । ଏହିକଥାକୁ ନେଇ ଦିଲୁ ସହ ଅକ୍ଷୟର ଝଗଡ଼ା ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ବୁଝାମଣାରେ ସମାଧାନ ହୋଇଯାଇଥିଲା । କିନ୍ତୁ ଗତ ମାର୍ଚ୍ଚ ୩ ତାରିଖରେ ଅକ୍ଷୟଙ୍କ ଗାଁକୁ ଯାଇ ଦିଲୁ ଠେଲାପେଲା କରିଥିଲା । ଫଳରେ ବିବାଦ ପୁନର୍ବାର ଉଗ୍ରରୂପ ଧାରଣ କରିଥିଲା । ପୁଣି ବାଲକାଟି ବଜାରରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ଦିଲୁକୁ ବାଡ଼େଇଥିଲା ଅକ୍ଷୟ । ଏହାର ପ୍ରତିଶୋଧ ନେବା ଲାଗି ଦିଲୁ ଓ ସମ୍ପର୍କୀୟମାନେ ଏକ ଷଡ଼ଯନ୍ତ୍ର ରଚିଥିଲେ । ରବିବାର ରାତି ଅକ୍ଷୟ ନୂଆସାହି ଥିବା ଏକ ସାର ଦୋକାନରେ ନିକଟରେ ବସିଥିବା ସମୟରେ ଦିଲୁ ଓ ତା'ର ବାପା କାଳନ୍ଦୀ ପହଞ୍ଚିଥିଲେ । ଉଭୟଙ୍କ ମଧ୍ୟରେ କଥାକଟା ହେବା ସହ ଗଣ୍ଡଗୋଳ ହୋଇଥିଲେ । ସେଇ ସମୟରେ ଦିଲୁର ସମ୍ପର୍କୀୟମାନେ ପହଞ୍ଚି ଅକ୍ଷୟକୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା ।

### ମୁଣ୍ଡକୁ ଛେଚିଥିଲା ଦିଲୁର ବାପା

ମୃତ ଅକ୍ଷୟ ଓ ଦିଲୁ ମଧ୍ୟରେ ଥିବା ବିବାଦ ଉଗ୍ରରୂପ ଧାରଣ କରିଥିଲା । ସେଇ କାଳ ରାତିରେ ଅକ୍ଷୟକୁ ରାସ୍ତାରୁ ସଫା କରିବାକୁ ଅଭିଯୁକ୍ତମାନେ ରଚିଥିଲେ ଷଡ଼ଯନ୍ତ୍ର । ଅକ୍ଷୟ ସହ ଦିଲୁର ଯୁକ୍ତିତର୍କ ହେବାରେ ଆରମ୍ଭ ହୋଇଥିଲା ମହାଭାରତ । ଦିଲୁର ସମ୍ପର୍କୀୟମାନେ ସେଠାରେ ପହଞ୍ଚି ଅକ୍ଷୟଙ୍କୁ ଆକ୍ରମଣ କରିଦେଇଥିଲେ । ସ୍ଥିତି ଏମିତି ଥିଲା ଯେ, ଅକ୍ଷୟର ହାତଗୋଡ଼କୁ ସମସ୍ତେ ଜାବୁଡ଼ି ଧରିଥିଲେ । ରାଗ ଜର୍ଜରିତ ଥିବା ଦିଲୁର ବାପା କାଳନ୍ଦୀ ଏକ ପଥର ଆଣି ଅକ୍ଷୟଙ୍କ ମୁଣ୍ଡକୁ ଛେଚି ଦେଇଥିଲା । ଅନ୍ୟ ଅଭିଯୁକ୍ତମାନେ ଅକ୍ଷୟଙ୍କୁ ମାଡ଼ି ବସି କିଏ ଛୁରିରେ ତ ଆଉ କିଏ ଲାଠିରେ ଆକ୍ରମଣ କରି ଚାଲିଥିଲା । ଅତି ନିର୍ଦ୍ଦୟ ଭାବେ ଅକ୍ଷୟକୁ ସଂଘବଦ୍ଧ ଭାବେ ହତ୍ୟା କରିଥିଲେ ।

**ମୁଖ୍ୟ ଅଭିଯୁକ୍ତ ଫେରାର୍**

**ରକ୍ତଭିଜା ପଥର, ଛୁରି ଓ ଲାଠି ଜବତ**

### ହତ୍ୟାର ରହସ୍ୟ ଖୋଲିଲା ପତି-ପତ୍ନୀଙ୍କ ଅଡିଓ ବାର୍ତ୍ତାଳାପ

ଅକ୍ଷୟକୁ ହତ୍ୟା କରିବା ପରେ ମୁଖ୍ୟ ଖଳନାୟକ ଦିଲୁ ସହ ଅନ୍ୟ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ । କିନ୍ତୁ ଫେରାର୍ ପୂର୍ବରୁ ନିଜ ପତ୍ନୀକୁ ହତ୍ୟାର କାରଣ ସହ ଷଡ଼ଯନ୍ତ୍ର ସମ୍ପର୍କରେ ସବୁ କଥା କହିଦେଇଥିଲା ଦିଲୁ । ତଦନ୍ତ ସମୟରେ ଦିଲୁର ପତ୍ନୀଙ୍କ ମୋବାଇଲ ଫୋନ୍‌କୁ ଜବତ କରାଯାଇଥିଲା । ପତି ଓ ପତ୍ନୀଙ୍କ ମଧ୍ୟରେ ବାର୍ତ୍ତାଳାପର ସବୁ ରହସ୍ୟ ଖୋଲି ଦେଇଥିଲା । ଅକ୍ଷୟକୁ କେମିତି ହତ୍ୟା କରିଥିଲେ ଦିଲୁ ନିଜ ପତ୍ନୀକୁ କହୁଥିବା ରେକର୍ଡିଂ ପୁଲିସ ହାତରେ ଲାଗିଥିଲା । ଏଥିରେ କାହାର ସମ୍ପୃକ୍ତି ସହ ହତ୍ୟାରେ ଅଭିଯୁକ୍ତଙ୍କ କ'ଣ ଭୂମିକା ଥିଲା, ଗୋଟି ଗୋଟି କହି ପତ୍ନୀ ଆଗରେ ବଖାଣୁଥିଲା ଦିଲୁ । ଏପରିକି ୬ମାସ ପୂର୍ବରୁ ଅକ୍ଷୟଙ୍କୁ ହତ୍ୟା କରିବା ଲାଗି ଷଡ଼ଯନ୍ତ୍ର ହୋଇଥିବା କଥା ପତ୍ନୀକୁ ଦିଲୁ କହୁଥିବା ଏକ ଅଡିଓ ସମସ୍ତଙ୍କ ମୁଖା ଖୋଲି ଦେଇଥିଲା । ମୋବାଇଲ ଫୋନ୍‌ରୁ ହତ୍ୟାକାଣ୍ଡର କାହାଣୀ ପ୍ରମାଣ ମିଳିଥିଲା । ଉକ୍ତ ମୋବାଇଲ୍ ଫୋନ୍‌କୁ ଜବତ କରି ଫୋରେନ୍‌ସିକ ଲ୍ୟାବ୍‌କୁ ପଠାଯାଇଛି । ଏଥିରେ ଦିଲୁର ପତ୍ନୀଙ୍କ ଭୂମିକା ବିଷୟରେ ବି ଖୋଳତାଡ଼ କରାଯାଉଥିବା ପୁଲିସ କହିଛି ।

### 'ଉତ୍କଳ'ରେ ଆଲୋଚନାଚକ୍ର ଓ କର୍ମଶାଳା ଉପରେ ଅଙ୍କୁଶ

## ନିର୍ଦ୍ଦେଶନାମାର ବୈଧତା ନେଇ ଛାତ୍ରଛାତ୍ରୀଙ୍କ ପ୍ରଶ୍ନ



ଭୁବନେଶ୍ୱର, ୧୯ ।୩(ସମିସ): ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି । ତେଣୁ ବିଶ୍ୱବିଦ୍ୟାଳୟର କୌଣସି ବିଭାଗର କୌଣସି ଆଲୋଚନାଚକ୍ର, କର୍ମଶାଳା ବା ସମ୍ମିଳନୀ ହୋଇପାରିବ ନାହିଁ । ଏପରି ଏକ ନିର୍ଦ୍ଦେଶନାମା ମଙ୍ଗଳବାର କୁଳସଚିବ କାହ୍ନୁ ଚରଣ ଧୀର ଜାରିକରିବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏପରିକି ଆଚରଣବିଧି ଲାଗୁ ହେବା ପରେ ମଧ୍ୟ ଏକାଧିକ ଆଲୋଚନାଚକ୍ର ଓ ସମ୍ମିଳନୀ କରାଯାଇଛି । ହେଲେ ଅଚାନକ୍ ଏପରି ନିର୍ଦ୍ଦେଶନାମା ଜାରିକରି ସମସ୍ତ କାର୍ଯ୍ୟକ୍ରମକୁ ଅନୁମତି ଦିଆ ନ ଯିବାକୁ ନେଇ ପ୍ରଶ୍ନ ଉଠିଛି । କାର୍ଯ୍ୟକ୍ରମ ପାଇଁ ଦୀର୍ଘଦିନରୁ ପ୍ରସ୍ତୁତି ଚଳାଇଥିବା ଛାତ୍ରଛାତ୍ରୀ ନିରାଶ ହେବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍ ଅନୁଯାୟୀ, ଆସନ୍ତାକାଲି ଅର୍ଥାତ ବୁଧବାର ଓ ଗୁରୁବାର ଦୁଇଦିନ ଧରି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର କରିବା ପାଇଁ ଧାର୍ଯ୍ୟ ହୋଇଛି । ସେହିପରି ୨୩ ତାରିଖରେ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର ଆୟୋଜନ ପାଇଁ ସୂଚନା ଦିଆଯାଇଛି । ଅପରପକ୍ଷରେ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହେବା ପରେ ଅର୍ଥାତ୍ ଗତ ସୋମବାର ଠାରୁ ଏମ୍‌କେସିଜି ପ୍ରେକ୍ଷାଳୟରେ ଚାଲିଥିବା ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ସମ୍ମିଳନୀ ମଙ୍ଗଳବାର ଶେଷ ହୋଇଛି । ସେହିପରି ଏକାଧିକ ବିଭାଗର ଜାତୀୟ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଛି । ତେବେ ଅନ୍ୟ ବିଭାଗର ଆଲୋଚନାଚକ୍ର ପାଇଁ ଦିନ ଧାର୍ଯ୍ୟ ହୋଇଥିବାବେଳେ ହଠାତ୍ ଏପରି ନିର୍ଦ୍ଦେଶନାମାକୁ ନେଇ ଛାତ୍ରଛାତ୍ରୀ ବହୁ ପ୍ରଶ୍ନ ଉଠାଇଛନ୍ତି । ଯଦି ଆଚରଣବିଧି ଲାଗୁ କ୍ରମରେ ଶିକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ କରାଯାଇପାରିବ ନାହିଁ, ତେବେ ଅନ୍ୟ ସବୁ କାର୍ଯ୍ୟକ୍ରମକୁ କିପରି ଓ କାହିଁକି ଅନୁମତି ଦିଆଯାଇଥିଲା ବୋଲି ବହୁ ଛାତ୍ରଛାତ୍ରୀ ପ୍ରଶ୍ନ କରିଛନ୍ତି । ସମ୍ବିଧାନ ବିଶେଷଜ୍ଞଙ୍କ ମତରେ ଆଚରଣ ବିଧି ଲାଗୁ କରିବାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଜନମତକୁ ପ୍ରଭାବିତ ନ କରିବା । ହେଲେ ଶିକ୍ଷାନୁଷ୍ଠାନରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକଳାପ ଉପରେ କୌଣସି ପ୍ରତିବନ୍ଧକ ଲାଗୁ କରାଯାଇ ନ ଥିବା ପ୍ରକାଶ କରିଛନ୍ତି ବିଶେଷଜ୍ଞ । ଏପରି ସ୍ଥିତିରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ନେଇ ପ୍ରଶ୍ନ ଉଠିଛି ।

## ପିକ୍‌ଅପ ଭ୍ୟାନ୍ ଧକ୍କାରେ ସ୍କୁଟି ଆରୋହୀ ମୃତ

ବାଲିଅନ୍ତା,୧୯ ।୩(ସମିସ): ମଙ୍ଗଳବାର ଅପରାହ୍ଣରେ ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକର ପତୁରିଆ-କଣ୍ଟାପଡ଼ା ଗ୍ରାମ ଉନ୍ନୟନ ମୁଖ୍ୟ ରାସ୍ତାର ପ୍ରତାପରୁଦ୍ରପୁର ଆଖଣ୍ଡଳେଶ୍ୱର ମନ୍ଦିର ମୁଖ୍ୟ ଗେଟ୍ ନିକଟରେ ଏକ ଦ୍ରୁତଗାମୀ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଲକ୍ଷ୍ମୀସାଗର ଥାନା ଅଧୀନ ଚିନ୍ତାମଣିଶ୍ୱର ଅଞ୍ଚଳର ବିଧାନ ଚରଣ ମଲ୍ଲିକ । ଦୁର୍ଘଟଣାକୁ କେନ୍ଦ୍ରକରି ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା । ଦୁର୍ଘଟଣା ଘଟାଇ ଥିବା ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଦୁର୍ଘଟଣା ପରେ ପୁଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟି ଏବଂ ପିକଅପ ଭ୍ୟାନ ଜବତ କରିଛି । ସୂଚନା ଅନୁସାରେ ଅପରାହ୍ଣ ୩ଟାରେ ବିଧାନ ଭୁବନେଶ୍ୱରରୁ ପତୁରିଆ ବ୍ରିଜ ରାସ୍ତାରେ କଣ୍ଟାପଡ଼ା ଅଭିମୁଖେ ଯାଉଥିବା ବେଳେ ଆଖଣ୍ଡଳେଶ୍ୱର ଗେଟ୍ ନିକଟରେ ପିକ୍‌ଅପ ଭ୍ୟାନ୍ ତାଙ୍କୁ ପଛପଟୁ ଧକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା ।

## ରାଜଧାନୀରେ ହେବ ଟ୍ରାଫିକ୍ ପାର୍କ

ଭୁବନେଶ୍ୱର, ୧୯ ।୩(ସମିସ): ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ସୁଦୃଢ଼ ଲାଗି ନୂଆ ଯୋଜନା କରିଛି କମିସନରେଟ ପୁଲିସ । ପ୍ରଥମକରି ରାଜଧାନୀରେ ହେବ ଟ୍ରାଫିକ୍ ପାର୍କ । ଝାରପଡ଼ା ଟ୍ରାଫିକ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ଉକ୍ତ ପାର୍କ ନିର୍ମାଣ କରାଯିବ । ପାର୍କରେ ଏକ ସ୍ୱୟଞ୍ଚାଳିତ ମଡେଲ ରହିବ । ଉକ୍ତ ମଡେଲ ଟ୍ରାଫିକ ବିଷୟରେ ସ୍ୱଂୟଚାଳିତ ଭାବେ ସଚେତନ କରିବ । ବିଶେଷକରି ଉକ୍ତ ପାର୍କ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲାଯିବ । ସେଠାରେ ଛାତ୍ରଛାତ୍ରୀଙ୍କୁ ଟ୍ରାଫିକ ବିଷୟରେ ଜ୍ଞାନ ଦିଆଯିବା ସହ ପାଠ ପଢ଼ାଯିବାର ବନ୍ଦୋବସ୍ତ କରାଯାଉଛି ।

ସ୍ୱଂୟଚାଳିତ ମଡେଲ ଟ୍ରାଫିକ ସମ୍ପର୍କିତ ସୂଚନା ଦେବ । ଜେବ୍ରା କ୍ରସିଂ କ'ଣ, ସ୍କୁଲ ଅଞ୍ଚଳରେ କିଭଳି ଗାଡ଼ି ଚଳାଇବେ, ରାସ୍ତାର କେଉଁପଟେ ଗାଡ଼ି ଚଳାଇବେ ଇତ୍ୟାଦି ବିଷୟରେ ଲୋକଙ୍କୁ ସିଗ୍‌ନାଲ ଦେଇ ସଚେତନ କରିବ ଏହି ମଡେଲ । ଏଥିସହିତ ମାନୁଆଲ ସିଗ୍‌ନାଲ ଓ ସ୍ୱଂୟଚାଳିତ ସିଗ୍‌ନାଲର ଭିନ୍ନତା ବିଷୟରେ ଲୋକଙ୍କୁ ସଚେତନ କରିବ । ସେହିପରି ସିଗ୍‌ନାଲ ଜରିଆରେ ଟ୍ରାଫିକ୍ କିଭଳି ପରିଚାଳନା ହୁଏ ସେ ବିଷୟରେ ମଧ୍ୟ ମଡେଲ ଦେଖାଇବ । ଉକ୍ତ ପାର୍କ ସର୍ବସାଧାରଣଙ୍କ ଲାଗି ଅନୁମତି ମିଳିବ । ବିଶେଷକରି ଛାତ୍ରଛାତ୍ରୀଙ୍କୁ ଟ୍ରାଫିକ୍ ବିଷୟରେ ଜ୍ଞାନ ଦିଆଯିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣାଇ କିଭଳି ଟ୍ରାଫିକ ପରିଚାଳନା କରାଯାଉଛି, ସେ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀ ଓ ସାଧାରଣଲୋକଙ୍କୁ ବୁଝାଯିବ । ଟ୍ରାଫିକର ବିଭିନ୍ନ କାର୍ଯ୍ୟକ୍ରମରେ ଉକ୍ତ ପାର୍କକୁ ବହୁଳ ଭାବେ ବ୍ୟବହାର କରାଯିବ ।

**ପାର୍କରେ ରହିବ ସ୍ୱୟଂଚାଳିତ ମଡେଲ୍**

**ଟ୍ରାଫିକ୍ ଜ୍ଞାନ ଆହରଣ କରିବେ ଛାତ୍ରଛାତ୍ରୀ**

ଏଜି ଛକସ୍ଥିତ ଟ୍ରାଫିକ ଥାନାରେ ଟ୍ରାଫିକ ସମ୍ପର୍କିତ କିଛି ଅତ୍ୟାଧୁନିକ ସାମଗ୍ରୀ ରହିଛି । ତେବେ ଉକ୍ତ ସାମଗ୍ରୀ ସହ ଆଉ କିଛି ନୂଆ ସାମଗ୍ରୀ ଆଣି ଉକ୍ତ ପାର୍କରେ ରଖାଯିବ । ଏଜି ଟ୍ରାଫିକ୍ ଥାନାରେ ଥିବା କିଛି ସାମଗ୍ରୀ ଓ ଆଉ କିଛି ନୂଆ ସାମଗ୍ରୀ ଆଣି ପାର୍କ ନିର୍ମାଣ କରାଯିବ ବୋଲି ଯୋଜନା କରାଯାଇଛି । କମିସନରେଟ୍ ପୁଲିସ ଓ ସ୍ମାର୍ଟସିଟିର ମିଳିତ ଉଦ୍ୟମରେ ଏହି ପାର୍କ ନିର୍ମାଣ କରାଯିବ । ପାର୍କ ନିର୍ମାଣ ଲାଗି ଏକ ନକ୍ସା ପ୍ରସ୍ତୁତ ହୋଇଛି । ପାର୍କରେ ଖର୍ଚ୍ଚ ଲାଗି ୨୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଖୁବ୍‌ଶୀଘ୍ର ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ବୋଲି ସୂଚନା ମିଳିଛି । ତେବେ ନିର୍ବାଚନ ଲାଗି କସରତ ଆରମ୍ଭ ହୋଇଥିବାରୁ ସାମନ୍ୟ ବିଳମ୍ବ ହେଉଥିବା ଟ୍ରାଫିକ ପୁଲିସ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ ଯେ, ଟ୍ରାଫିକ ନିୟମ ଠିକ୍ ଭାବେ ପାଳନ ହେଉନଥିବାରୁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ହେଉଛି । ଏହି ନୂଆ ଯୋଜନା ଆଧାରରେ ଛାତ୍ରଛାତ୍ରୀଙ୍କୁ ସଚେତନ କଲେ ଦୁର୍ଘଟଣା ସଂଖ୍ୟା କିଛିଟା ହ୍ରାସ ପାଇବ ବୋଲି ଆଶା କରାଯାଉଥିବା ପୁଲିସ କହିଛି ।

## ଯାନବାହନ ଧରପଗଡ଼

ହଂସପାଳ, ୧୯।୩ (ସମିସ): ସୋମବାର ବିଳମ୍ବିତ ରାତିରେ ରୁଦ୍ରପୁର ଛକ ମୁଖ୍ୟ ରାସ୍ତାରେ ପାହାଳ ଥାନା ପୁଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇଥିଲା । ଥାନା ଅଧିକାରୀ ବିଉଟି ମହାନ୍ତି ଗାଡ଼ି ଅଟକାଇ ସମସ୍ତ କାଗଜପତ୍ର ତନଖି କରିଥିଲେ । ବେପରୁଆ ଗାଡ଼ି ଚାଳକ ଏବଂ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକମାନଙ୍କୁ ଧରିବା ପାଇଁ ଗୁରୁତ୍ୱ ଦେଇଥିଲେ ।

ସେହିପରି ଭାବେ ହଂସପାଳ ଅଭୟମୁଖୀ ରାସ୍ତା ବଜାର ଛକରେ ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍ ଚେକିଂ କରିଥିଲେ । ଏହି ରାସ୍ତା ଦେଇ ହଜାର ହଜାର ଗାଡ଼ି ଅଡ଼ଶପୁର, ନିଆଳିକୁ ଯାଉଥିବାବେଳେ କିଛି ମଦୁଆ ଚାଳକଙ୍କ ପାଇଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏହାକୁ ଦୃଷ୍ଟିରେ ରଖି ଆଗକୁ ବଡ଼ ଧରଣର ଧରପଗଡ଼ ସହ ୧୮ ବର୍ଷରୁ କମ୍ ବୟସର ପିଲା ଏବଂ ଲାଇସେନ୍ସ ନଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ସମସ୍ତ ଗଳିକନ୍ଦିରେ ଚେକିଂ କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

## ସୁନାଚେନ୍ ଲୁଟ୍; ଦୁଇ ଗିରଫ

ଭୁବନେଶ୍ୱର, ୧୯ ।୩(ସମିସ): ମହିଳାଙ୍କ ଠାରୁ ସୁନାଚେନ୍ ଲୁଟ୍ ମାମଲାରେ ଦୁଇ ଲୁଟେରାଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ । ସେମାନେ ହେଲେ ତମାଣ୍ଡୋର ଇନ୍ଦ୍ରମଣି ବେହେରା ଓରଫ ଇନ୍ଦ୍ର ଓ ଖୋର୍ଦ୍ଧାର ଚନ୍ଦ୍ରଶେଖର ବେହେରା ଓରଫ ଚନ୍ଦୁ । ସେମାନଙ୍କ ଠାରୁ ସୁନାଚେନ୍ ଓ ବାଇକ୍ ଜବତ ହୋଇଛି । ସେହିପରି ଚନ୍ଦୁ ଓ ଇନ୍ଦ୍ରକୁ ସୋମବାର କୋର୍ଟଚାଲାଣ ଲାଗି ଥାନା ଗାଡ଼ିରେ କୋର୍ଟକୁ ନିଆଯାଉଥିଲା । ଥାନା ଦୁଆର ମୁହଁରେ ଇନ୍ଦ୍ର ଗାଡିରେ ବସିଥିଲା । କିନ୍ତୁ ସେଇ ସମୟରେ ଚନ୍ଦୁ ଜୋତା ସଜାଡ଼ିବା ନାଁରେ ତଳକୁ ନଇଁଥିଲା । ସୁରକ୍ଷାକର୍ମୀ ଅନ୍ୟମନସ୍କ ଥିବା ସମୟରେ ଏହାର ସୁଯୋଗ ନେଇ ଚନ୍ଦୁ ହଠାତ୍ ଉଠିକି ଦୌଡ଼ିଥିଲା । ଥାନା ସାମ୍‌ନାର ଜାତୀୟ ରାଜପଥ ଡେଇଁ କୋଲ୍ ଇଣ୍ଡିଆ ପାଚେରି ଭିତରକୁ ପଶିଯାଇଥିଲା । ସେଠାରେ ନିଜ ପିନ୍ଧିଥିବା ଗଞ୍ଜିକୁ ଫୋପାଡି ଦେଇଥିଲା । ଭିତର ଥିବା ଗଞ୍ଜି ପିନ୍ଧି ବାଲିଆପଡ଼ା ଖେଳପଡ଼ିଆ ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା । ତମାଣ୍ଡୋ ଥାନା ପୁଲିସ ପିଛାକରି ବାଲିଆପଡ଼ା ଖେଳ ପଡ଼ିଆ ନିକଟରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଚନ୍ଦୁକୁ କାବୁ କରିଥିଲା ।

ପୁଲିସର କହିବା କଥା, ଗତ ୭ ତାରିଖରେ ଜଣେ ମହିଳା କଳିଙ୍ଗ ବିହାର ସୁପର ମାର୍କେଟରୁ କଳିଙ୍ଗ ବିହାର କେ-୫ରେ ଥିବା ନିଜର ପୈତୃକ ଘରକୁ ଚାଲି ଚାଲି ଫେରୁଥିବା ସମୟରେ ଦୁଇ ଅଭିଯୁକ୍ତ ବାଇକରେ ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଦୁଇ ଲୁଟେରାଙ୍କୁ କାବୁ କରିବା ସହ ସୁନାଚେନ୍ ଜବତ କରିଛି ।

**କୋର୍ଟଚାଲାଣ ସମୟରେ ଖସିପଳାଉଥିଲା ଚନ୍ଦୁ**

**ବାଲିଆପଡ଼ା ଜଙ୍ଗଲରୁ କାବୁକଲା ପୁଲିସ**

## ଦୁର୍ଘଟଣା ବଢ଼ାଉଛି ଅନିୟନ୍ତ୍ରିତ ବସ୍ ରହଣୀ



ଭୁବନେଶ୍ୱର, ୧୯ ।୩(ସମିସ):

ପ୍ରକାଶ କୁମାର ବିଶ୍ୱାଳ ନିଜ ମାରୁତି ସୁଜୁକି ସ୍ୱିଫ୍ଟ କାର୍‌ରେ ୧୬ନମ୍ବର ଜାତୀୟ ରାଜପଥ ଦେଇ କଟକରୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅଭିମୁଖେ ଆସୁଥିଲେ । ଭିଡ ସମୟ(ପୂର୍ବାହ୍ଣ ୧୦ଟାରୁ ୧୨ଟା) ହୋଇଥିବା ହଂସପାଳ ଛକରେ ସହର ଭିତରକୁ ପ୍ରବେଶ କରୁକରୁ ହିଁ ଭିଡ଼ ପରିଲକ୍ଷିତ ହୋଇଥିଲା । ଫଳରେ ସେ ଏକ ଯାତ୍ରୀବାହୀ ବସ୍ ପଛେ ପଛେ ଆସିଥିଲେ । ପଳାସୁଣୀ ଛକରେ ଫ୍ଲାଏଓଭର ଆରମ୍ଭରୁ ଯାତ୍ରୀବାହୀ ବସ୍‌ଟି ହଠାତ୍ ମଝି ଲେନ୍‌ରୁ ବାମକୁ ଅତିକ୍ରମ କରିଥିଲା । ଫଳରେ ପ୍ରକାଶ ହଠାତ୍ ବ୍ରେକ୍ ମାରି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ।

- ଚିନ୍ତା ବଢ଼ାଇଲାଣି ଜାତୀୟ ରାଜପଥ
- ୨୪ଘଣ୍ଟାରେ ଗଡୁଛି ୪ହଜାର ୬୫୦ ବସ୍
- ୧୭ ହଜାର ୧୩୨ଥର ରାସ୍ତାରେ ଅଟକୁଛି ବସ୍

ସହର ଭିତର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ଓ ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥରେ ଏହି ଭଳି ଘଟଣା ପ୍ରତିଦିନ ଘଟୁଛି । ଫ୍ଲାଏଓଭର ଉପରେ ବସ୍‌ଗୁଡ଼ିକ ଅକସ୍ମାତ ରହୁଥିବାରୁ ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ହେଲେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏଥିରେ ରୋକ୍ ଲାଗି ପାରୁନି । ମାତ୍ରାଧିକ ଭିଡ଼ ହେଉଥିବାରୁ ସହର ଭିତରେ ବସ୍‌ଗୁଡ଼ିକ କେବଳ ଫ୍ଲାଏଓଭର୍ ଉପରେ ଯିବା ପାଇଁ ନିୟମ କରାଯାଇଛି । ହେଲେ ଯେଉଁ ଲୋକମାନେ ପଳାଶୁଣୀରୁ ବରମୁଣ୍ଡା ଭିତରେ ଓହ୍ଲାଇବାକୁ ଚାହୁଁଛନ୍ତି, ସେମାନେ ଫ୍ଲାଏଓଭର୍ ଆରମ୍ଭ ହେଉଥିବା ସ୍ଥାନରେ ଓହ୍ଲାଉଛନ୍ତି ଓ ଚଢୁଛନ୍ତି । ଫଳରେ ସେହି ସବୁ ଅଣ ସଂରକ୍ଷିତ ସ୍ଥାନ ଗୁଡ଼ିକରେ ବସ୍ ରହଣୀ କରୁଛି । ଫଳରେ ଦୁର୍ଘଟଣା ବଢ଼ିବା ସହ ପଥଚାରୀ ଓ ଛୋଟ ଗାଡ଼ିଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏହି ରାସ୍ତା ଓ ଭୁବନେଶ୍ୱର-ପୁରୀ ବାଇପାସ୍‌କୁ ନେଇ ଏକ ସର୍ଭେ କରାଯାଇଥିଲା । ଯେଉଁଥିରେ ଜଣାପଡ଼ିଛି ଏହି ରାସ୍ତାରେ ଦ୍ୱୟରେ ବସ୍ ଯାତ୍ରୀ ଉଠାଇବା ଓ ଚଢ଼ିବା ପାଇଁ ୭୭ ଥର ଅଟକୁଛି । ୧୬ନମ୍ବର ଜାତୀୟ ରାଜପଥରେ ପ୍ରତି ୫୭୬ ମିଟରରେ ଥରେ ଗାଡ଼ି ଅଟକୁଥିବାବେଳେ ପୁରୀ ବାଇପାସ୍‌ରେ ପ୍ରତି ୪ଶହ ମିଟରରେ ଥରେ ଗାଡ଼ି ରାସ୍ତାରେ ଛିଡ଼ା ହେଉଛି । ଏହି ରହଣୀ ଟ୍ରାଫିକ୍ ପରିଚାଳନାରେ ଏକ ବିରାଟ ପ୍ରଭାବ ପକାଉଛି । କାରଣ ୨୪ଘଣ୍ଟା ଭିତରେ ପ୍ରାୟ ୪ହଜାର ୬୫୦ ବସ୍ ଏହି ରାସ୍ତା ଦ୍ୱୟରେ ଯାତାୟାତ କରୁଛି । ପୁରୀ ବାଇପାସ୍ ରାସ୍ତାରେ ଏକାଧିକ ଟୁରିଷ୍ଟ ବସ୍ ଯାତାୟାତ କରୁଥିବାବେଳେ ୧୬ନମ୍ବର ଜାତୀୟ ରାଜପଥରେ ଆନ୍ତଃରାଜ୍ୟ ବସ୍ ଚଳାଚଳ ମାତ୍ରାଧିକ ହେଉଥିବା ଜଣାପଡ଼ିଛି । ଉଭୟ ରାସ୍ତାରେ ଯାଉଥିବା ଏହି ୪ହଜାର ୬୫୦ ବସ୍ ଦୈନିକ ୧୭ହଜାର ୧୩୨ ଥର ଅଟକୁଥିବା ସର୍ଭେରୁ ଜଣାପଡ଼ିଛି ।

ବର୍ତ୍ତମାନ ଦ୍ରୁତ ସହରୀକରଣ ଯୋଗୁଁ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାସହ ତାଳଦେଇ ଲୋକମାନଙ୍କ ଯାତୟାତ ମଧ୍ୟ ବଢ଼ିବାରେ ଲାଗିଛି । ଲୋକମାନଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ଅନ୍ତଃରାଜ୍ୟ ଓ ରାଜ୍ୟ ବାହାରକୁ ବସ୍ ଯାତାୟତ ମଧ୍ୟ ବୃଦ୍ଧି ପାଉଛି । ତେଣୁ ଟ୍ରାଫିକ୍ ପରିଚାଳନାକୁ ବ୍ୟବସ୍ଥିତ ନ କରାଗଲେ, ଆଗାମୀ ଦିନରେ ଦୁର୍ଘଟଣା ବୃଦ୍ଧି ପାଇବା ସହ ରାସ୍ତା ଜାମ୍ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଯିବ ବୋଲି ସଡ଼କ ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ଦିଲ୍ଲୀପ କୁମାର ରାଉତରାୟ କହିଛନ୍ତି ।



## ନିର୍ମାଣ ହେବ ପୁଲିସ ହାଉସିଂ କର୍ପୋରେସନ କୋଠା

# ହଟିଲା ଜବରଦଖଲ

ଭୁବନେଶ୍ୱର, ୧୯।୩(ସମିସ): ପାଣ୍ଡରା ମୌଜା ଅନ୍ତର୍ଗତ ଖାତା ନମ୍ବର-୧୩୫୨ ପ୍ଲଟ୍ ନଂ-୩୭୨୪, ୩୭୨୫ରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)। ଏହି ସ୍ଥାନରେ ପୁଲିସ ହାଉସିଂ କର୍ପୋରେସନ ପକ୍ଷରୁ କୋଠା ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି। ଜିଏର ନିର୍ଦ୍ଦେଶକ୍ରମେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ପୂର୍ବାହ୍ଣରେ ପାଣ୍ଡରା ମୌଜାରେ ପହଞ୍ଚିଥିଲା। ସେଠାରେକେତେକବ୍ୟକ୍ତିସରକାରୀଜାଗାମାଡ଼ିବସି ପୁରୁଣା ଗାଡ଼ି ସୋ'ରୁମ କରିଥିଲେ। ଏହାସହ ଆଉ କେତେ ଜଣ ବ୍ୟକ୍ତି ଦୋକାନ ଘର ନିର୍ମାଣ କରି ବ୍ୟବସାୟ କରୁଥିଲେ। ବିଡିଏ ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ୩ଟି କ୍ୟାବିନ, ୨ଟି ବାଉଁଶ ନିର୍ମିତ ଦୋକାନ, ୬ଟି ଆଜବେଷ୍ଟସ୍ ନିର୍ମିତ ଦୋକାନ ଓ ୨୦୦ ଫୁଟର ଶୌଚାଳୟ ଭଙ୍ଗାଯାଇଥିଲା। ଏତଦ୍‌ବ୍ୟତୀତ ଏକ ପାଚେରି ଓ ପୁରୁଣା ଗାଡ଼ି ସୋ'ରୁମକୁ ମଧ୍ୟ ମାଟିରେ ମିଶାଇଛି ବିଡିଏ। ପ୍ରାୟ ୦.୬୮୦ ଡିସିମିଲ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ପୁଲିସ ଫୋର୍ସ ଓ ଏକ ସେକ୍ସନ ମହିଳା ପୁଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ବେଳେ ଭୁବନେଶ୍ୱର ଆଡିସ୍‌ନାଲ ଏସ୍‌ପି ଏକେ ସାହୁ, ବିଡିଏ ଏନଫୋର୍ସମେଣ୍ଟର ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ମଞ୍ଚେଶ୍ୱର ଥାନା ଅଧିକାରୀ ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ପଖାଳ ଦିବସ

# ୨୦ ଟଙ୍କାରେ ପେଟପୂରା ପଖାଳ

ଭୁବନେଶ୍ୱର, ୧୯।୩(ସମିସ):

ବୁଧବାର ବିଶ୍ୱ ପଖାଳ ଦିବସ। ଏହି ଅବସରରେ ରାଜଧାନୀର ବିଭିନ୍ନ ତାରକା ହୋଟେଲ୍‌ଠାରୁ ଆରମ୍ଭ କରି ଝୁମ୍ପୁଡ଼ି ହୋଟେଲ ପର୍ଯ୍ୟନ୍ତ ତଥା ରାଜଧାନୀର ଘରେ ଘରେ ପ୍ରସ୍ତୁତି ଚାଲିଛି। ପଖାଳ ସାଙ୍ଗକୁ ଆଳୁ ଭର୍ତ୍ତା, ଭଜା, ଖଣ୍ଡେ ପିଆଜ, ଲେମ୍ବୁ ଆଉ କଞ୍ଚା ଲଙ୍କାରେ କେବଳ ପେଟ ଭରେ ନାହିଁ ବରଂ ଆତ୍ମା ଶାନ୍ତି ହେଉଥିବା ଗ୍ରାହକମାନେ କହିଛନ୍ତି। କାରଣ ଓଡ଼ିଆ ମନ ଓ ଓଡ଼ିଆ ପ୍ରାଣକୁ କେବଳ ପଖାଳ କଂସା ହିଁ ବୁଝିଥାଏ। କଂସାଏ ପଖାଳ ଖାଇ ଶ୍ରମିକଟିଏ ଯେଉଁଭଳି ପରିଶ୍ରମ କରିପାରେ ଷ୍ଟାର ହୋଟେଲରେ ଦାମିକିଆ ଜଳଖିଆ ଖାଉଥିବା ମଣିଷ ତାହା କରିପାରେ ନାହିଁ। ରବି ଭାଇଙ୍କ ପଖାଳ ସେମାନଙ୍କୁ ବଳ ଯୋଗାଉଥିବା କିଛି ଶ୍ରମିକ କହିଛନ୍ତି। କଳ୍ପନା ଛକରେ ଅନେକ ବର୍ଷ ହେବ ଶ୍ରମିକମାନଙ୍କ ପାଇଁ ପଖାଳ ଯୋଗାଇ ଆସୁଛନ୍ତି ରବି। ତାହା ପୁଣି ମାତ୍ର ୨୦ ଟଙ୍କାରେ। ଏକ ଲମ୍ବା ବେଞ୍ଚ ଉପରେ ଖୋଲା ଆକାଶ ତଳେ ବସି ସକାଳୁ ସକାଳୁ ପେଟେ ପଖାଳ ଖାଇ କାମକୁ ଚାଲିଯାଆନ୍ତି ଶ୍ରମିକମାନେ। ତେବେ ଶ୍ରମିକମାନଙ୍କ ପେଟକୁ ଚିହ୍ନନ୍ତି ରବି ଭାଇ। ପୁରୁଣା ଭୁବନେଶ୍ୱରରେ ରହୁଥିବା ରବି ନିୟମିତ ନିଜ ଠେଲା ଗାଡ଼ିରେ ପ୍ରାୟ ୩କିଲୋମିଟର ପଖାଳ ନେଇ ଆସନ୍ତି। ସକାଳ ୭ଟାରୁ ୯ଟା ମଧ୍ୟରେ



ପଖାଳ ଶେଷ କରି ଫେରି ଆସନ୍ତି। ରାଜଧାନୀର ଗଳି କନ୍ଦିରେ ଶହ ଶହ ସଂଖ୍ୟାରେ ଜଳଖିଆ ଦୋକନରେ ଜଳଖିଆ ଖାଇବାକୁ ହେଲେ ୩୦ରୁ ୪୦ ଟଙ୍କା ଦେବାକୁ ପଡ଼େ। ହେଲେ ଏଠାରେ ମାତ୍ର ୨୦ ଟଙ୍କାରେ ପଖାଳ ସାଙ୍ଗକୁ ସୁଆଦିଆ ବ୍ୟଞ୍ଜନ ଖାଇଥାନ୍ତି ଲୋକେ। ୨୫ବର୍ଷ ହେବ ରବି ଭାଇ ଏଠାରେ ପଖାଳ ବ୍ୟବସାୟ କରୁଛନ୍ତି। ପଖାଳ କଂସା ୫ଟଙ୍କାରୁ ଆରମ୍ଭ କରି ଏବେ ୨୦ ଟଙ୍କାରେ ପହଞ୍ଚିଛି। ପ୍ରତିଦିନ ପନି ପରିବା, ଇନ୍ଧନର ଦର ବଢୁଥିଲେ ବି ତାଙ୍କ ପଖାଳର ଦର ସେମିତି ରହିଛି। ପ୍ରାୟ ୫୦ରୁ ୬୦ ଜଣ ଲୋକ ଏଠାରେ ପ୍ରତିଦିନ ପଖାଳ ଖାଆନ୍ତି। ଏନେଇ ରବି ଭାଇ କୁହନ୍ତି ଯେ, ସମସ୍ତେ ବଡ଼ ବଡ଼ ହୋଟେଲରେ ଟଙ୍କା ଦେଇ ପଖାଳ ଖାଇବାର ସୁଯୋଗ ପାଇପାରନ୍ତିନି। ତେଣୁ ମୁଁ ଚାହେଁ ସମସ୍ତେ କିଭଳି ପଖାଳ ଖାଇପାରିବେ। ତେଣୁ କମ୍ ଟଙ୍କାରେ କିଭଳି ଭଲ ଖାଦ୍ୟ ଖାଇ ଦିନସାରା ପରିଶ୍ରମ କରିପାରିବେ ସେଥିପାଇଁ ନିଜ ଚାଷ ଜମିରୁ ଅମଳ ହେଉଥିବା ଧାନରେ ଚାଉଳ କରି ପଖାଳ କରୁଛନ୍ତି ରବି।

### ଗରିବଙ୍କ ପେଟ ଚିହ୍ନନ୍ତି ରବି ଭାଇ



### କେଉଁଠି ରହିଛି କେତେ ଦର

ଭୁବନେଶ୍ୱର, ୧୯ ।୩(ସମିସ): ପଖାଳ ଦିବସ ପାଇଁ ରାଜଧାନୀର ବିଭିନ୍ନ ହୋଟେଲ୍, ରେସ୍ତୋରାଁରେ ପଖାଳର ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଝୁମ୍ପୁଡ଼ି ହୋଟେଲରେ ପଖାଳ ୪୦ରୁ ୬୦ ଟଙ୍କା ଭିତରେ ପଖାଳ ବିକ୍ରି ହେଉଥିବା ବେଳେ ସେଥିରେ ଶାଗଭଜା, ବଡ଼ିଚୁରା, ଆଳୁଭର୍ତ୍ତା ସାଙ୍ଗକୁ ଚିଙ୍ଗୁଡ଼ି ଓ ଚୁନାମାଛ ଭଜା ଦିଆଯାଉଛି। ମଧ୍ୟମ ଧରଣର ହୋଟେଲ୍ ଓ ରେସ୍ତୋରାଁରେ ପଖାଳ ଭୋଜନ ୧୨୦ ଟଙ୍କାରୁ ଆରମ୍ଭ କରି ୨୩୦ ଟଙ୍କାରେ ବିକ୍ରି ହେଉଛି। ଯେଉଁଥିରେ ଆମିଷ ଓ ନିରାମିଷ ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ଖାରବେଳ ନଗର ଅଞ୍ଚଳରେ ଥିବା ପେଟପୂଜା ରୋସ୍ତୋରାଁରେ ମାଲିକ। ଅପରପକ୍ଷେ ତାରକା ହୋଟେଲ୍‌ରେ ମଧ୍ୟ ପଖାଳ ଦିବସ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା ବେଳେ ସ୍ୱସ୍ତି ପ୍ରିମିୟମ୍‌ରେ ଉଭୟ ଆମିଷ ଓ ନିରାମିଷ ପଖାଳ ଭୋଜନ ବିକ୍ରି ହେଉଛି। ଆମିଷ ପଖାଳ ଭୋଜନର ଦାମ୍ ୮୪୯ ଟଙ୍କା ରହିଥିବା ବେଳେ ଏଥିରେ ଚିଙ୍ଗୁଡ଼ି, ମାଛଭଜା, କୁକୁଡ଼ା ମାଂସ କସା ସମେତ ୧୨ରୁ ୧୪ ପ୍ରକାର ଆଇଟମ୍ ରହିଛି। ସେହିଭଳି ନିରାମିଷ ପଖାଳ ଭୋଜନର ଦାମ ୭୧୯ ଟଙ୍କା ରହିଥିବା ବେଳେ ଏଥିରେ ବଡ଼ିଚୁରାଠାରୁ ଆରମ୍ଭ କରି କଖାରୁଫୁଲ ଭଜା, ଆଳୁ ଚଟଣି ସମେତ ୧୦ରୁ ୧୨ ପ୍ରକାର ଆଇଟମ୍ ରହିଛି।

# ସ୍ୱାସ୍ଥ୍ୟ ବିଭାଗରେ ଠିକା କର୍ମଚାରୀଙ୍କ ଚାକିରି ନିୟମିତ କରିବାକୁ ଦାବି




ଭୁବନେଶ୍ୱର, ୧୯।୩(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ଘୋଷଣା ଓ ଏ ସମ୍ପର୍କିତ ସରକାରୀ ବିଜ୍ଞପ୍ତିକୁ ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ସମର୍ଥନ ସହିତ ସ୍ୱାଗତ କରିଛି। କିନ୍ତୁ ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ଏକ ଦୃଢ଼, ଉନ୍ନତ ଓ ପ୍ରଗତିଶୀଳ କରାଇ ଆସୁଥିବା ୧୦ହଜାର ଚୁକ୍ତିଭିତ୍ତିକ ଠିକା କର୍ମଚାରୀ ସେମାନଙ୍କର ହକ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଇତ୍ୟାଦି ଯୋଜନାରେ କାର୍ଯ୍ୟ କରୁଥିବା ପ୍ରାୟ ୨୪ଶହ ଆୟୁଷ ଡାକ୍ତର, ୪ହଜାର ୭୦୦ ଅଣ-ଚିକିତ୍ସା ଜନ ସ୍ୱାସ୍ଥ୍ୟ ମ୍ୟାନେଜମେଣ୍ଟ କର୍ମଚାରୀ, ୧୮୦ ଜଣ ଷ୍ଟାଫ୍ ନର୍ସ, ୪୧୦ ଜଣ ଫର୍ମାସିଷ୍ଟ, ୪୧୬ ଜଣ ଏଏନ୍‌ଏମ, ୪୨ ଜଣ ଡ୍ରାଇଭର, ୧୨୮ ଜଣ ଲାବୋରେଟୋରୀ ଟେକ୍ନିସିଆନ, ୩୫୯ ଜଣ ଏଚ୍‌ଆଇଭି କାଉନ୍‌ସେଲର୍ ଓ ୧୫୦ରୁ ଊର୍ଦ୍ଧ୍ୱ ଆଲାଏଡ୍ ହେଲଥ ପ୍ରଫେସନାଲ କର୍ମଚାରୀ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର, ମୁଖ୍ୟ ଚିକିତ୍ସାଳୟ, ମେଡିକାଲ କଲେଜ ଓ ନିର୍ଦ୍ଦେଶାଳୟ ଓ ବିଭାଗରେ ୧୧ ମାସିଆ ଚୁକ୍ତିଭିତ୍ତିରେ ନିଯୁକ୍ତ ପାଇଛନ୍ତି। ନିକଟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ଅନ୍ୟାନ୍ୟ ଯୋଜନାରେ କାର୍ଯ୍ୟରତ ପାଞ୍ଚ ହଜାର ପାରାମେଡିକାଲ କର୍ମଚାରୀଙ୍କୁ ରାଜ୍ୟ ସରକାର ନିୟମିତ କରିଥିବାବେଳେ ଆମ୍ଭେମାନେ ଏ ସବୁ ସୁବିଧାରୁ ବଞ୍ଚିତ ରହିଛୁ ବୋଲି ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସରକାରଙ୍କୁ ବାରମ୍ବାର ନିବେଦନ କରାଯିବା ସହ ଏଥିପାଇଁ ଉଚ୍ଚସ୍ତରୀୟ ବିଭାଗୀୟ କମିଟି ଗଠନ ହୋଇଥିଲେ ମଧ୍ୟ ଏବେ ସୁଦ୍ଧା ଅଗ୍ରଗତି ହେଇ ପାରୁନାହିଁ। ତେଣୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, '୫-'ଟି' ଅଧ୍ୟକ୍ଷ ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ନିୟମିତ କରିବା ପାଇଁ ଦୃଢ଼ ଦାବି କରିଛନ୍ତି। ଆଗାମୀ ଦିନରେ ନିୟମିତ କରା ନ ଗଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିବୁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ସିଙ୍ଗାପୁର ଗଲେ ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୯ ।୩(ସମିସ): ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କୁ ବିଦେଶ ଅନୁଭୂତି ଦେବାପାଇଁ ଚଳିତ ଶିକ୍ଷା ବର୍ଷର ୪୦ଜଣ ଛାତ୍ରଛାତ୍ରୀ ଶିଙ୍ଗାପୁର ଯାଇଛନ୍ତି। 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ସେଠାରେ ୨ ସପ୍ତାହ ରହିବା ସହ ସିଙ୍ଗାପୁରର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍(ଆଇଟିଇ)ର ବାତାବରଣ, ଶୈକ୍ଷିକ ପ୍ରଣାଳୀ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ଅବଗତ ହେବେ। ଏହାସହ ଡ୍ରୋନ୍ ଟେକ୍ନୋଲୋଜି ଓ ରୋବୋଟିକ୍ ଅଟୋମେସନ୍ ବିଷୟରେ ଅତିରିକ୍ତ ତାଲିମ ନେବେ। ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ସହ ମିଶି ପ୍ରାକ୍ଟିକାଲ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ପ୍ରତିବର୍ଷ ଏହି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଶିକ୍ଷା ଓ ତାଲିମକୁ ନୂଆ ଦିଗ ଓ ମନରେ ଉତ୍ସାହ ଆଣିଦେବ ବୋଲି କହିଛନ୍ତି।




## ଅସରାଏ ବର୍ଷା

# ରାଜପଥରେ କୃତ୍ରିମ ପୋଖରୀ



ଭୁବନେଶ୍ୱର, ୧୯।୩(ସମିସ):

ଅସରାଏ ବର୍ଷାରେ ରାଜପଥକଡ଼ ଅଣ୍ଡରପାସ୍ ଜଳେ ଜମୁଛି ଆଣ୍ଠୁଏ ପାଣି। ଚାଲି ଚାଲି ଯିବା ତ ଦୂରର କଥା ସାଇକଲ କିମ୍ବା ବାଇକ୍ ଯୋଗେ ଯାଉଥିବା ଲୋକେ ବି ପଡ଼ି ଆହତ ହେଉଛନ୍ତି। ବର୍ଷା ସମୟରେ ପାଣି ଜମି ରହୁଥିବାବେଳେ ବର୍ଷା ଛାଡ଼ିବାର ସପ୍ତାହେ ଯାଏ ବି ପାଣି ଶୁଖୁନି। ଫଳରେ ବାଧହୋଇ ସ୍ଥାନୀୟ ଲୋକେ ପାଣିରେ ପଶି ଯିବା ଆସିବା କରୁଛନ୍ତି। ଏଭଳି ସମସ୍ୟା ପ୍ରତିବର୍ଷ ବର୍ଷା ସମୟରେ ଲାଗି ରହୁଥିବା ବେଳେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ଫଳରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଭୂତଳ ରାସ୍ତାରେ ଜମିରହି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଏଥିପାଇଁ ଏନ୍‌ଏଚ୍‌ଏଆଇକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପାହାଲ ନିକଟସ୍ଥ ଭୂ-ତଳ ରାସ୍ତାରେ।

### ଏନ୍‌ଏଚ୍‌ଏଆଇର ମନମାନୀ; ଲୋକେ ହନ୍ତସନ୍ତ

### ବର୍ଷା ହେଲେ ଅଣ୍ଡରପାସ୍ ତଳେ ଚାଲୁଛି ଆଣ୍ଠୁଏ ପାଣି

ଭୁବନେଶ୍ୱର ମହାନଗର ଅଧୀନ ୪ନମ୍ବର ୱାର୍ଡର ପାହାଲସ୍ଥିତ ମିଲେନିୟମ୍ ସିଟି ନିକଟ ଅଣ୍ଡରପାସ୍ ଉପରେ ଆଖପାଖ ଅଞ୍ଚଳର ଶହଶହ ସଂଖ୍ୟାରେ ଲୋକେ ନିର୍ଭର କରୁଛନ୍ତି। ନିକଟରେ ବଡ଼ ବଡ଼ ସିପିଙ୍ଗ୍ ମଲ୍ ଠାରୁ ଆରମ୍ଭ କରି ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ରହିଛି। ପ୍ରତିବର୍ଷ ବର୍ଷାଋତୁରେ ଏଠାରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଥିବାରୁ ଗତବର୍ଷ ୩ମାସ ଧରି ଏହାର ମେଣ୍ଟେନାନ୍ସ କାମ କରାଯାଇଥିଲା। ଫଳରେ ରାସ୍ତା ବନ୍ଦ କରାଯାଇଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ହେଲେ ପରିସ୍ଥିତି ଯଥା ପୂର୍ବଂ ତଥା ପରଂ। ପାଣି ଯେଉଁଭଳି ଜମିବା କଥା ଜମି ରହୁଛି। ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଅଣ୍ଡରପାସ୍ ଏନ୍‌ଏଚ୍‌ଏଆଇ ଅଧୀନରେ ରହିଛି। ଜାତୀୟ ରାଜପଥ ନିର୍ମାଣ ସମୟରେ ଅଣ୍ଡରପାସ୍‌ଗୁଡ଼ିକର ଉଚ୍ଚତା କମ୍ ରଖାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳଟି ଖାଲୁଆ ଅଞ୍ଚଳ ହୋଇଥିବା ବେଳେ ବର୍ଷା ଜଳ ନିକଟସ୍ଥ ଜମି ମଧ୍ୟକୁ ଯାଇଥାଏ। କିନ୍ତୁ ରାସ୍ତାକଡ଼ରେ ଲୋକେ ଜମି ଉଚ୍ଚାକରି ଘର କରୁଥିବାରୁ ବର୍ଷା ପାଣି ଏବେ ରାସ୍ତା ଉପରେ ଜମି ରହୁଛି। ଅନ୍ୟପଟେ ରାସ୍ତାକଡ଼ରେ ରହିଥିବା ଡ୍ରେନ୍‌ର ଉଚ୍ଚତା ରାସ୍ତା ଠାରୁ ଉପରେ ରହିଥିବାରୁ ପାଣି ନିଷ୍କାସିତ ହୋଇପାରୁନାହିଁ। ଏଥିପାଇଁ ଉତ୍କଳ ହାଇଟସ୍ (୨୨ତାଲା), ଉତ୍କଳ ସିଗ୍‌ନେଚର୍ କର୍ମଚାରୀମାନେ ମଧ୍ୟ ଯିବା ଆସିବା ପାଇଁ ନାକେଦମ୍ ହେଉଛନ୍ତି। ଏ ନେଇ ୱାର୍ଡର କର୍ପୋରେଟର ସୁକୁମାର ସାହୁ କହିଛନ୍ତି ଯେ, ରାଜପଥ ନିର୍ମାଣ ପୂର୍ବରୁ ଅଣ୍ଡରପାସ୍ ୨ରୁ ୩ଫୁଟ ଉଚ୍ଚା ହୋଇଥିଲେ ପାଣି ଜମି ନ ଥାନ୍ତା। ବର୍ତ୍ତମାନ ଭୂ-ତଳ ରାସ୍ତାକୁ ଉଚ୍ଚା କରାଯାଇପାରିବ ନାହିଁ। ଏହାସହ ଉଭୟ ପାର୍ଶ୍ୱରେ ସରକାରୀ ଜମି ନ ଥିବାରୁ ପ୍ରାଇଭେଟ୍ ଜମିରେ ପାଚେରି ନିର୍ମାଣ କରାଯାଇଛି। ଏହାସହ ଏଠାରେ ରହିଥିବା ଡ୍ରେନ୍ ଠାରୁ ମଧ୍ୟ ରାସ୍ତାର ଉଚ୍ଚତା କମ୍ ରହିଛି। ତେଣୁ ରୁଦ୍ରପୁର ଡ୍ରେନ୍‌କୁ ଏକ ଚ୍ୟାନେଲ କରାଯାଇ ଏହି ପାଣିକୁ ଛାଡ଼ିବାକୁ ଆଉ ଏକ ଚ୍ୟାନେଲ ନିର୍ମାଣ କରାଯିବ। ଏଥିପାଇଁ ବିମ୍‌ସି, ବିଡିଏ, ଜଳାସେଚନ ବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଯାଇଛନ୍ତି।










## ଡ୍ରାଫ୍ଟ ସିଡିପି ୨୦୪୦

# ବିଡିଏ ୱେବ୍‌ସାଇଟ୍‌ରୁ 'ଗୋଠପାଟଣା' ଗାଏବ୍

ଭୁବନେଶ୍ୱର, ୧୯।୩(ସମିସ):

ବିଡିଏ ଡ୍ରାଫ୍ଟ ସିଡିପି ୨୦୪୦ରୁ ଗୋଠପାଟଣା ଜୋନ୍‌ର ବିସ୍ତୃତ ନକ୍ସା ଗାଏବ ହୋଇଯାଇଛି। ଏହା ଅଧୀନରେ ଥିବା ୧୫ଟି ଗ୍ରାମର ଲୋକେ ଜାଣି ପାରୁନାହାନ୍ତି ସେମାନଙ୍କ ପାଇଁ ବିଡିଏ କିଭଳି ଯୋଜନା ପ୍ରସ୍ତୁତି କରିଛି। ଡ୍ରାଫ୍ଟ ସିଡିପି ୨୦୪୦ର ନୋଟିଫିକେସନ୍ ବାହାରିବା ପରେ ଅଞ୍ଚଳବାସୀ ଏହାକୁ ନେଇ ଖୁସି ଥିଲେ। କାରଣ ସିଡିପିରେ ତାଙ୍କ ଅଞ୍ଚଳ ପାଇଁ ଉନ୍ନତିକରଣର କିଛି ନୂଆ ଯୋଜନା ପ୍ରସ୍ତୁତ ହୋଇଥିବ। ହେଲେ ଗୋଠପାଟଣା ଜୋନ୍ ରାଜଧାନୀକୁ ଲାଗି ରହିଥିଲେ ମଧ୍ୟ ବିଡିଏ ୱେବ୍‌ସାଇଟ୍‌ରେ ଗୋଠପାଟଣାର ୧୫ଗ୍ରାମର ବିସ୍ତୃତ ନକ୍ସା ଆରମ୍ଭରୁ ଅପ୍‌ଲୋଡ୍ କରାଯାଇନାହିଁ। ନାଁ ଖୋଜିଲେ କେଉଁଠି ମିଳୁଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିପରି ଯଦିବା ୱେବ୍‌ସାଇଟ୍‌ରେ ନାଁ ଅଛି, କିନ୍ତୁ କଲ୍ୟାଣପୁର ଶାସନ ଓ ପିପିଲିର ନକ୍ସା ଖୋଲୁନାହିଁ।

ସୂଚନାଯୋଗ୍ୟ, ଡ୍ରାଫ୍ଟ ଜିଆଇଏସ୍ ସିଡିପି ୨୦୪୦ର ଗେଜେଟ୍ ନୋଟିଫିକେସନ୍ ଗତ ଜାନୁଆରୀ ୩୦ ତାରିଖରେ ବାହାରି ଥିଲା। ଏହା ଅଧୀନରେ




**ବିସ୍ତୃତ ନକ୍ସା ବିନା ଅଞ୍ଚଳବାସୀଙ୍କ ମତାମତ ଅସମ୍ଭବ**

**ସରି ଆସୁଛି ମତାମତର ଅବଧି, ବଢ଼ୁଛି ଅସନ୍ତୋଷ**

ଆସୁଥିବା ଗ୍ରାମବାସୀ ସେମାନଙ୍କ ମତାମତକୁ ୬୦ଦିନ ଭିତରେ ଦେବାକୁ କୁହାଯାଇଥିଲା। ଲୋକଙ୍କ ମତାମତ ଆଧାରରେ ଉକ୍ତ ନକ୍ସାରେ ପରିବର୍ତ୍ତନର ମଧ୍ୟ ପ୍ରାବଧାନ ରହିଛି। ଏହାର କିଛିଦିନ ପରେ ବିଡିଏ ନିଜର ୱେବ୍‌ସାଇଟ୍‌ରେ ଜୋନସ୍ତରରେ ବିସ୍ତୃତ ନକ୍ସା ସହ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲା। ଏଥିରେ ମୋଟ ୧୪ଟି ଜୋନ୍ ରହିଥିଲା। ଏହି ଜୋନଗୁଡ଼ିକର ନାମ ସହ ଏହାର ନକାଲୁ ୱେବ ସାଇଟ୍‌ରେ ସାର୍ବଜନୀନ କରାଯାଇଥିଲା। ନକ୍ସାଗୁଡ଼ିକରେ ସୂଚନା ରହିଥିଲା ଯେଉଁ ଗ୍ରାମକୁ ଆଗାମୀ ଦିନରେ କିଭଳି ପ୍ରସ୍ତୁତ କରାଯିବ। ନାଁ ଫରେଷ୍ଟ ଲ୍ୟାଣ୍ଡ ଭାବେ ସବୁଜ ଜୋନ୍ ଭାବେ ପରିଚୟ ପାଇବ। ଗୋଟିଏ ପଟେ ୱେବସାଇଟ୍ ଗୋଠପାଟଣାର ନକ୍ସା ନାହିଁ ଆଉ ଗୋଟିଏ ପଟେ ଦିଆଯାଇଥବା ୬୦ ଦିନର ଅବଧି ମଧ୍ୟ ସରିଆସୁଛି। ଯାହାଫଳରେ ଗୋଠପାଟଣାକୁ ନେଇ ଅଞ୍ଚଳବାସୀ ମତାମତ ଦେଇ ପାରୁ ନାହାନ୍ତି। ଏଠାରେ ପ୍ରଶ୍ନ ଉଠୁଛି ବିଡିଏ ଗୋଠପାଟଣାକୁ ନେଇ କୌଣସି ଯୋଜନା ଏ ପର୍ଯ୍ୟନ୍ତ ପ୍ରସ୍ତୁତ କରିନାହିଁ ନା ଅଧିକାରୀ ୱେବ୍‌ସାଇଟ୍‌ରେ ଅପଲୋଡ୍ କରିବାକୁ ଭୁଲି ଯାଇଛନ୍ତି। ତେବେ ଏହାକୁ ତୁରନ୍ତ ଅପଲୋଡ୍ କରିବାକୁ ଅଞ୍ଚକବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ ବିଡିଏ ଅଞ୍ଚଳ ବାହାରେ ଥିବା ମୋଟ ୩୬୪ଟି ଗ୍ରାମକୁ ନେଇ ନୂତନ ଡ୍ରାଫ୍ଟ ସିଡିପି ୨୦୪୦ ପ୍ରସ୍ତୁତ କରାଯାଇଥିଲା। ୧୪ ଜୋନ୍ ମଧ୍ୟରୁ ସି-୩ ଗୋଠପାଟଣା ଜୋନ୍‌ରେ ଗମି ଗ୍ରାମଡିହ, ଗୌଡ଼କାଶୀପୁର, ଅରିଶଲ, ଛତାବର, ହରେକୃଷ୍ଣପୁର, ଦୁର୍ଗାପୁର, ମେଣ୍ଢାଶାଳ, ଦେଉଳିପାଟଣା, ହରିପୁର, ମାନଗୋବିନ୍ଦପୁର, ଗିରିଣୀଗପୃତ, ଗୋଠପାଟଣା, ଘଙ୍ଗାପାଟଣା, ଦଶପୁର ପ୍ରଭୃତି ୧୫ଟି ରାଜସ୍ୱ ଗ୍ରାମ ରହିଛି।

## ଚେନ୍ ଲୁଟେରାକୁ ୩ ବର୍ଷ କାରାଦଣ୍ଡ

ଭୁବନେଶ୍ୱର, ୧୯ ।୩(ସମିସ): ମହିଳା କନ୍‌ଷ୍ଟବଳଙ୍କ ବେକରୁ ସୁନାଚେନ୍ ଲୁଟ୍ ମାମଲାର ରାୟ ସୋମବାର ଭୁବନେଶ୍ୱର ସ୍ଥିତ, ପ୍ରଥମ ଶ୍ରେଣୀ ବିଚାରପତି (୫) କୋର୍ଟରୁ ପ୍ରକାଶ ପାଇଛି। ଅଭିଯୁକ୍ତ ଚନ୍ଦନ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଜେଲ୍ ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି ବିଚାରପତି। ସୂଚନା ଅନୁସାରେ, ୨୦୨୩ ଏପ୍ରିଲ ୨୮ ରେ ଡିସିପି ଅଫିସରେ

**ମହିଳା କନ୍‌ଷ୍ଟେବଳଙ୍କ ବେକରୁ ଲୁଟିଥିଲେ ସୁନାଚେନ୍**

କାର୍ଯ୍ୟରତ ଥିବା ପୁଲିସ କନେଷ୍ଟେବଳ ମିନତୀ ବାଳା ଦଳେଇ ଡିଉଟି ସାରି ବରମୁଣ୍ଡାରୁ ନିଜ ଘରକୁ ସ୍କୁଟିରେ ଫେରୁଥିଲେ। ଏହି ସମୟରେ ବରମୁଣ୍ଡା ଓଭର୍‌ବ୍ରିଜ ଉପରେ ଦୁଇ ଅଜଣା ବ୍ୟକ୍ତି ଏକ ମଟର ସାଇକଲରେ ଆସି ତାଙ୍କ ବେକରୁ ସୁନାଚେନ ଛଡାଇନେବା ବେଳେସେ ସେହି ଗାଡ଼ିରୁ ତଳେ ପଡ଼ିଯାଇଥିଲେ। ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ମିନତୀଙ୍କ ଏତଲା ଆଧାରରେ ଖଣ୍ଡଗିରି ଥାନା ମାମଲା ରୁଜୁକରି ତଦନ୍ତ କରିଥିଲା। ଥାନାର ତତ୍କାଳୀନ ଏସ୍‌ଆଇ ଦେବଦତ୍ତ ସାମନ୍ତରାୟ ସାମନ୍ତରାୟ ଏହି ମାମଲାର ଅଭିଯୁକ୍ତ ଚନ୍ଦନ ନାଏକକୁ ଗିରଫ କରି ତାଙ୍କ ନିକଟରୁ ଲୁଟ ସୁନା ଚେନ୍ ଜବତ କରିଥିଲେ। ଏହି ମାମଲାରେ ଅଦାଲତ ୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରି ଓ ୧୫ଟି ଦସ୍ତାବିଜକୁ ଗ୍ରହଣ କରି ରାୟ ଶୁଣାଇଛନ୍ତି।

## ମଝି ଆକାଶରେ ଜୀବନ ବଞ୍ଚାଇଲେ କିମ୍‌ସ ଡାକ୍ତର

ଭୁବନେଶ୍ୱର, ୧୯।୩ (ସମିସ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍‌ସ) ଭୁବନେଶ୍ୱରର ହୃଦ୍‌ରୋଗ ବିଶେଷଜ୍ଞ ଡା. ଅଶୋକ କୁମାର ବଡ଼ମାଳି ମଝି ଆକାଶରେ ବଞ୍ଚାଇଛନ୍ତି ଜଣେ ମହିଳାଙ୍କ ଜୀବନ। ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ରବିବାର ସକାଳେ ନୂଆଦିଲ୍ଲୀରୁ ପୁଣେ ଅଭିମୁଖେ ଯାଉଥିବା ସମୟରେ ଜନୈକ ମହିଳା ଯାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଏହା ଦେଖି ବିମାନ କର୍ମଚାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କ୍ୟାବିନ୍ କ୍ରୁମାନେ ଜରୁରିକାଳୀନ ମେଡିକାଲ ପରିସ୍ଥିତି କାରଣରୁ ବିମାନରେ ଥିବା କୌଣସି ପାରାମେଡିକ୍ କିମ୍ବା ନର୍ସି କର୍ମଚାରୀଙ୍କ ସହାୟତା ପାଇଁ ଜରୁରୀ ଘୋଷଣା କରିଥିଲେ। ବିମାନରେ କିମ୍‌ସ ଡାକ୍ତର ବଡ଼ମାଳି ମଧ୍ୟ ଯାତ୍ରା କରୁଥିଲେ। ଏହା ଜାଣିବା ପରେ ଡା. ବଳମାଳି ତୁରନ୍ତ ସହାୟତାର ହାତ ବଢ଼ାଇଥିଲେ। କ୍ରୁ ମେମ୍ବରଙ୍କ ସହାୟତାରେ ମହିଳାଙ୍କୁ ବିମାନର ଫ୍ଲୋରକୁ ସ୍ଥାନାନ୍ତର କରାଯାଇଥିଲା। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ସେ ଦ୍ରୁତ କ୍ୟାରୋଟିଡ୍ ପଲ୍ସ ସହିତ ଆଗୋନାଲ ଶ୍ୱାସକ୍ରିୟା ପ୍ରଦର୍ଶନ କରାଉଥିବା ଡାକ୍ତର ବଡ଼ମାଳି ଜାଣିପାରିଥିଲେ। ହୃଦ୍‌ରୋଗରେ ନିଜର ଦକ୍ଷତାକୁ ଉପଯୋଗ କରି ସେ ମହିଳାଙ୍କୁ



କ୍ୟାରୋଟିଡ୍ ମାଲିସ୍ କରିଥିଲେ। ଏହା ମହିଳାଙ୍କ ଜୀବନ ରକ୍ଷାକାରୀ ସାବ୍ୟସ୍ତ ହୋଇଥିଲା ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିଲା। ବିମାନଟି ପୁଣେ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିବା ପର୍ଯ୍ୟନ୍ତ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିଲା। ଏଭଳି ସମୟୋପଯୋଗୀ ଏବଂ ନିର୍ଣ୍ଣାୟକ ପଦକ୍ଷେପ ନିମନ୍ତେ ମହିଳା ଜଣକ ଡା. ବଡ଼ମାଳିଙ୍କ ସମେତ ବିମାନର ପାଇଲଟ ଶ୍ରୀ ରାହୁଲ, କ୍ରୁ ମେମ୍ବର ସୌରଭ ଏବଂ ମିସ୍ ପୂଜାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଡା. ବଡ଼ମାଳିଙ୍କ ଏହି କାର୍ଯ୍ୟକୁ କିଟ୍, କିସ୍ ଏବଂ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଶଂସା କରିଛନ୍ତି।

## ଅସଦାଚରଣ ମାମଲାରେ ଯୁବକ ଗିରଫ

ବାଲିଅନ୍ତା,୧୯ ।୩(ସମିସ): ବିଧବା ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣକୁ ଗିରଫକରି କୋର୍ଟ ଚାଲାଣ କରିଛି ବାଲିଅନ୍ତା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲା ବ୍ରାହ୍ମଣସୁଆଁଲୋ ଗ୍ରାମର ଅଭିମନ୍ୟୁ ଦାସ (୫୦)। ସୂଚନାଯୋଗ୍ୟ ଯେ, ପୀଡ଼ିତା ମହିଳା ତାଙ୍କର ସାନ ପୁଅଙ୍କ ସହିତ ବିରିବାଟି ସରକଣାର ରହୁଛନ୍ତି। ଅଭିଯୋଗକାରିଣୀ କିଛି ଗାଈ ରଖିଥିବାରୁ ସେ ପ୍ରତିଦିନ କ୍ଷୀର ବିକ୍ରୟ ପାଇଁ ବ୍ରାହ୍ମଣସୁଆଁଲୋକୁ ଯାଉଥିଲେ। ଗତ ରବିବାର ସନ୍ଧ୍ୟାରେ ସେ କ୍ଷୀର ବିକ୍ରୟ କରି ଫେରୁଥିବା ସମୟରେ ବ୍ରାହ୍ମଣସୁଆଁଲୋ ସ୍କୁଲ ନିକଟରେ ଅଭିଯୁକ୍ତ ତାଙ୍କୁ ଏକାକୀ ଦେଖି ବଳପୂର୍ବକ ଅଟକାଇଥିଲେ। ଅଭିଯୋଗକାରିଣୀ ମହିଳା ବିରୋଧ କରିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ଗାଳିଗୁଲଜ କରି ଅସଦାଚରଣ କରିବା ସହ ଆକ୍ରମଣ ମଧ୍ୟ କରିଥିଲେ। ଏଥିରେ ପୀଡ଼ିତା ଗୁରୁତର ଆହତ ହୋଇଥିଲେ ଏବଂ ତାଙ୍କ ପୁଅ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଳକାଟି ହସ୍ପିଟାଲ ଏବଂ ପରେ ଉତ୍ତମ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ନେଇ ଆସିଥିଲେ। ଏହି ମାମଲାର ତଦନ୍ତ କରି ପୁଲିସ ଅଭିଯୁକ୍ତ ଅଭିମନ୍ୟୁକୁ ଗିରଫ କରି ଥାନାକୁ ଆଣିଥିଲା।

## ଲୁଟେରା ଗ୍ୟାଙ୍ଗ୍‌ର ୩ ଗିରଫ

ଭୁବନେଶ୍ୱର, ୧୯ ।୩ (ସମିସ): ରାଜଧାନୀର ଏକାଧିକ ଘରୁ କଳାକନା ବୁଲାଉଥିବା ଚୋରି ଗ୍ୟାଙ୍ଗ୍‌କୁ ଧରିଛି କମିସନ୍‌ରେଟ୍ ପୁଲିସ। ଏହି ଗ୍ୟାଙ୍ଗ୍‌କୁ ବଡ଼ଗଡ଼ ଥାନା ପୁଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ଧରିଥିବା ସୂଚନା ମିଳିଛି। ଏହି

**ଚୋରି ସୁନାକୁ ଦୋକାନରେ ବିକ୍ରି କରୁଥିଲେ**

**୧୫ଲକ୍ଷର ସୁନା ଅଳଙ୍କାର ଜବତ କଲା ପୁଲିସ**

ଗ୍ୟାଙ୍ଗ୍ ଚୋରି କରିବା ପରେ ସହର ଛାଡ଼ି ପଳାଉଥିଲେ। ଚୋରି ସୁନା ଅଳଙ୍କାରକୁ ବାପୁଜୀନଗରରେ ଥିବା ଏକ ସୁନା ଦୋକାନରେ ବିକ୍ରି କରୁଥିଲେ। ଏହା ବଦଳରେ ମିଳୁଥିବା ଟଙ୍କାକୁ ନେଇ ରାଜଧାନୀ ପାର ହୋଇଯାଉଥିଲେ। ଏହି ଟଙ୍କାରେ ମଉଜ୍‌ମଜଲିସ୍ କରି ପୁଣି ଚୋରି ପାଇଁ ଭୁବନେଶ୍ୱର ଫେରୁଥିଲେ। ଏହିଭଳି ସେମାନେ ପୁଣି ଚୋରି କରିବାକୁ ରାଜଧାନୀକୁ ଆସିବାବେଳେ ମାଡ଼ି ବସିଥିଲା ବଡ଼ଗଡ଼ ଏବଂ ସ୍ପେଶାଲ ସ୍କ୍ୱାଡ୍ ଟିମ୍। ତାଙ୍କୁ ପଚରାଉଚରା କରିବା ପରେ ସବୁ କିଛି ପର୍ଦ୍ଦାଫାସ ହୋଇଥିଲା। ଏହି ଗ୍ୟାଙ୍ଗ୍ ପ୍ରାଚୀବିହାର, ଜଗନ୍ନାଥ ନଗର, ଲକ୍ଷ୍ମୀସାଗର, ଖାରବେଳନଗର ଏବଂ ବଡ଼ଗଡ଼ ଥାନା ଅଞ୍ଚଳରେ ହୋଇଥିବା ଚୋରିରେ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ପଚରାଉଚରା କରିବା ପରେ ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ କାବୁ କରିଥିଲେ। ବିଶେଷ କରି ବାପୁଜୀ ନଗରର ଜଣେ ସୁନା ଦୋକାନୀ ଏହି ଚୋରି ସୁନାକୁ ଶସ୍ତାରେ କିଣୁଥିଲେ। ତେଣୁ ଧରାପଡ଼ିଥିବା ଅଭିଯୁକ୍ତକୁ ପଚରାଉଚରା କରିବା ପରେ ସେ ଏହି ସୁନା ଦୋକାନୀ ନାମ କହିଥିଲା। ପୁଲିସ ତା'ର କହିବା ଆଧାରରେ ଉକ୍ତ ସୁନା ଦୋକାନ ଉପରେ ଚଢ଼ଉ କରି ଚୋରି ସୁନା ଜବତ କରିବା ସହ ଦୋକାନୀକୁ କାବୁ କରି ନେଇଥିଲା। ଏହି ଗ୍ୟାଙ୍ଗ୍‌ରେ ୧୦ଜଣ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି। ୪ଜଣଙ୍କ ଘର ଗଞ୍ଜାମ ହୋଇଥିବାବେଳେ ବାକି ଘର ରାଜଧାନୀର ବିଭିନ୍ନ ବସ୍ତିରେ ହୋଇଥିବା ଜଣାପଡ଼ିଛି। ୫ଜଣ କେବଳ ସହର ସାରା ପଇଁତରା ମାରି ଘର ଗୁଡ଼ିକୁ ଚିହ୍ନଟ କରୁଥିଲେ। ୨ରୁ ୩ଦିନ ଉକ୍ତ ଘରର ସଦସ୍ୟଙ୍କ ଗତିବିଧି ପରଖିବା ପରେ ଚୋରି ପାଇଁ ତାରିଖ ଧାର୍ଯ୍ୟ କରନ୍ତି। ପରେ ଅନ୍ୟ ୫ଜଣ ଆସି ଚୋରି କରନ୍ତି। ଏହିଭଳି ଏହି ଗ୍ୟାଙ୍ଗ୍ ଚୋରି କରିଥିବା ଘରର ସିସିଟିଭି ଫୁଟେଜ୍‌ରେ ସେମାନଙ୍କୁ ହୁଲିଆ ଜଣାପଡ଼ିଥିଲା। ଯାହାଫଳରେ ପୁଲିସ କିଛି ଜେଲ୍ ଫେରନ୍ତା ଅପରାଧୀଙ୍କ ତାଲିକା ଯାଞ୍ଚ କରିବା ପରେ ଜଣେ ଅଭିଯୁକ୍ତ ଚିହ୍ନଟ ହୋଇଥିଲା। ଏହା ପରେ ପୁଲିସ ତଦନ୍ତ କରି ଜଣେ ଅଭିଯୁକ୍ତକୁ କାବୁ କରିବା ପରେ ୩ଜଣ ଧରାପଡ଼ିଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟକ୍ଷ ସମ୍ମିଳନୀ ଉଦ୍‌ଯାପିତ

# 'ନାକ୍ ସ୍ୱୀକୃତିରେ ଅଧ୍ୟକ୍ଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ଭୁବନେଶ୍ୱର, ୧୯।୩ (ସମିସ): ନୂତନ ଶିକ୍ଷା ନୀତ ଅନୁସାରେ ନାକ୍ ସ୍ୱୀକୃତି ବାଧ୍ୟତାମୂଳକ। ତେଣୁ ସମସ୍ତ ସ୍ନାତକ ମହାବିଦ୍ୟାଳୟର ନାକ୍ ସ୍ୱୀକୃତି ପାଇଁ ଅଧ୍ୟକ୍ଷମାନେ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ନାକ୍ ସ୍ୱୀକୃତି ପାଇବା ପାଇଁ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଏକ କମିଟି କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଏକ କମିଟି ଗଠନ କରାଯିବ। ଅଧ୍ୟକ୍ଷମାନେ ନାକ ସ୍ୱୀକୃତି ପାଇଁ ପ୍ରସ୍ତୁତି ସମୟରେ ଉଚ୍ଚଶିକ୍ଷା ପରିଷଦ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ସହାୟତା ନେଇପାରିବେ ବୋଲି ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ବିକାଶ ପରିଷଦ(ସିଡିସି) ପକ୍ଷରୁ ଚାଲିଥିବା ଦୁଇଦିନିଆ ଅଧ୍ୟକ୍ଷ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଦାସ ଏହା କହିଛନ୍ତି। ଏହାସହ ସେ କହିଛନ୍ତି, ଜାତୀୟ ଶିକ୍ଷା ନୀତି ବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ସଂଶୋଧିତ ନିୟମକୁ କାର୍ଯ୍ୟକାରୀ କରିବାକୁ ହେବ। ଫଳରେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟଖସଡ଼ା ପାଇଁ ଯୋଜନା ପ୍ରସ୍ତୁତ କରିବା ସହଜ ହେବ। ମହାବିଦ୍ୟାଳୟର ସମସ୍ତ କାର୍ଯ୍ୟରେ ଅଧ୍ୟକ୍ଷଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ତାଙ୍କ ପ୍ରଚେଷ୍ଟାରେ ଉତ୍ତମ ଗ୍ରେଡ ମିଳିପାରିବ ବୋଲି ସେ କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ନବନୀତା ରଥ ପ୍ରମୁଖ ନାକ୍ ପ୍ରସ୍ତୁତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଛନ୍ତି। ବୈଷୟିକ ଅଧିବେଶନରେ ନାକ ସାଧାରଣ ପରିଷଦ ସଦସ୍ୟ ଡ. ଲଳିତା ବାଲକ୍ରିଷ୍ଣନ୍ ଯୋଗଦେଇ 'ନାକ ମୂଲ୍ୟାଙ୍କନ ଓ ସ୍ୱୀକୃତି' ଉପରେ ବକ୍ତବ୍ୟ ରଖିଛନ୍ତି। ସିଡିସି ନିର୍ଦ୍ଦେଶକ ପ୍ରଫେସର ନିଗମାନନ୍ଦ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଆଇକ୍ୟୁଏସି ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ଉଦ୍‌ଯାପନୀ ଦିବସରେ କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକ ଜିଲ୍ଲାର ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ଭାରପ୍ରାପ୍ତ ପରୀକ୍ଷା ଅଧିକାରୀ, ଆଇକ୍ୟୁଏସି ଏବଂ ନାକ୍ ସଂଯୋଜକମାନେ ଯୋଗ ଦେଇଥିଲେ।

## ଖଣ୍ଡା ବୁଲାଇବା ଘଟଣାରେ ବାବୁ ଗିରଫ

ଭୁବନେଶ୍ୱର, ୧୯ ।୩ (ସମିସ): ଜାଗମରା ରୋଡ୍‌ରେ ଖଣ୍ଡା ବୁଲାଇ ଆତଙ୍କ ରଚିବା ସହ ଆକ୍ରମଣ କରିବା ଘଟଣାରେ ଖଣ୍ଡଗିରି ଥାନା ପୁଲିସ ବିଭୂ ପ୍ରସାଦ ଜେନା ଓରଫ ବାବୁ ଜେନାକୁ ଗିରଫ କରିଛି। ଅଭିଯୋଗକାରୀ ବିଭୂତି ଭୂଷଣ ସିଂଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରିଥିଲା।

ସୂଚନାଯୋଗ୍ୟ ଯେ, ୨୦୨୪ ଜାନୁଆରୀ ୩୦ ତାରିଖ ରାତି ପ୍ରାୟ ୯:୩୦ରେ ଅଭିଯୋଗକାରୀଙ୍କର ପୁଅ ଆହତ ବିଶ୍ୱ ବିଜୟ ସିଂ, ତାଙ୍କର ବନ୍ଧୁ ଶୁଭମ ଓ ଅନ୍ୟ ସାଙ୍ଗମାନଙ୍କ ସହିତ ଆଇଟିଆର ଫୁଡ କୋର୍ଟରୁ ଫେରୁଥିଲେ। ସେହି ସମୟରେ ନିକଟ ଅତୀତରେ ହୋଇଥିବା ଏକ ଗୋଷ୍ଠୀସଂଘର୍ଷକୁ କେନ୍ଦ୍ରକରି ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ନିମ୍ନୋକ୍ତ ଅଭିଯୁକ୍ତ ଓ ତାଙ୍କର କିଛି ସହଯୋଗୀ ଜଣେ ଅଭିଯୁକ୍ତ ବାବୁଙ୍କ ପ୍ରରୋଚନାରେ ମାରଣାସ୍ତ୍ର ନେଇ ଜାଗମରା ରୋଡ଼ରେ ଥିବା ଗୋଲ୍ଡେନ ଚିଲ୍ଲି ଓ ଟପୋରି ଟାଇମ ନିକଟରେ ସେମାନଙ୍କୁ ଅବରୋଧ କରିଥିଲେ ଏବଂ ଆକ୍ରମଣ କରିଥିଲେ। ଏହା ଦେଖି ବିଶ୍ୱଙ୍କ ସାଙ୍ଗମାନେ ସେମାଙ୍କର ଜୀବନ ବଞ୍ଚାଇବା ପାଇଁ ଘଟଣାସ୍ଥଳରୁ ଚାଲି ଯାଇଥିବା ବେଳେ ସେ ଓ ତାଙ୍କର ବନ୍ଧୁ ଶୁଭମ ଘଟଣାସ୍ଥଳରେ ତଳେ ପଡ଼ିଯାଇଥିଲେ। ଅଭିଯୁକ୍ତମାନେ ମିଳିତ ଭାବରେ ଉଭୟ ବିଶ୍ୱ ଓ ଶୁଭମଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବାବୁ ନାଁରେ ୯ରୁ ଅଧିକ ମାମଲା ରହିଥିବା ଜଣାପଡ଼ିଛି।

**ଆଜି ବିଶ୍ୱ ଘରଚଟିଆ ଦିବସ**

# ଘର ଖୋଜୁଛନ୍ତି ଘରଚଟିଆ

ଭୁବନେଶ୍ୱର, ୧୯।୩(ସମିସ):

ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖଟିକୁ 'ବିଶ୍ୱ ଘରଚଟିଆ ଦିବସ' ରୂପେ ପାଳନ କରାଯାଇଥାଏ। ଚଳିତବର୍ଷର ଥିମ୍ ରହିଛି 'ଗିଭ୍ ଦେମ୍ ଏ ଟୁଇଟ୍ ଚାନ୍ସ', ଆଇ ଲଭ୍ ସ୍ପାରୋ ଆଣ୍ଡ ଉଇ ଲଭ୍ ସ୍ପାରୋ'। ପ୍ରକୃତି ଓ ଜୈବ ବିବିଧତାର ଅନନ୍ୟ ସୃଷ୍ଟି ହେଉଛି ଘରଚଟିଆ। ଘରେରହିବାକୁ ପସନ୍ଦ କରୁଥିବା ଘରଚଟିଆ ଏବେ ଖୋଜୁଛି ଘର। ସିମେଣ୍ଟ, କଂକ୍ରିଟ୍ ଗାଆଁ ଦାଣ୍ଡରେ ଖୋଜି ପାଉନି ନୁଆଁଣିଆ ଚାଳ ଘରଟିଏ। ଯେଉଁଠି ସେ ଛୋଟିଆ ବସାଟିଏ ତୋଳିବ। ବର୍ତ୍ତମାନର ସନ୍ତୁଳିତ ପରିବେଶ ଭିତରେ ଏମାନେ ନିଜକୁ ଖାପ ଖୁଆଇ ଚଳିବା କଷ୍ଟକର ହୋଇପଡ଼ିଛି। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଚାଳ ଛପର ନାହିଁ। ଯେଉଁଥିପାଇଁ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ଆଉ ଶୁଭୁନାହିଁ ସେମାନଙ୍କର ସୁମଧୁର



କିଚିରି ମିଚିରି ଶବ୍ଦ। ଏବେ କାଁ ଭାଁ ଏକାକୀ ବିଚରଣ କରୁଥିବାର ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ପରିବେଶବିତ୍ ସୁଶାନ୍ତ ସାହୁ ଏ କୁନି ପକ୍ଷୀମାନଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଘର ଆଗରେ କୃତ୍ରିମ ବସା ଲଗାଇବାକୁ ନିବେଦନ କରିଛନ୍ତି। ଏମାନଙ୍କ ସୁରକ୍ଷା ସମସ୍ତ ଦାୟିତ୍ୱ। ନଚେତ୍ ଆସନ୍ତା ଦିନରେ ଏମାନଙ୍କ ବଂଶ ସମ୍ପୂର୍ଣ୍ଣ ଲୋପ ପାଇଯିବ। ଏମାନେ ପିଲାଙ୍କ ଛବି ବହିରେ କେବଳ ଛବି ହୋଇ ରହିଯିବେ। ଶ୍ରୀ ସାହୁ କହିଛନ୍ତି ଯେ, ଆଧୁନିକ ମଣିଷ ପାଇଁ ଏ ଘରଚଟିଆ ଅଲୋଡ଼ା ହୋଇପାରେ, କିନ୍ତୁ ଅତୀତରୁ ଏଯାଏଁ ଏମାନଙ୍କ ଅବଦାନ ଅତୁଳନୀୟ। ବିଶେଷ କରି କ୍ଷେତରେ ନଷ୍ଟ କରୁଥିବା କୀଟପତଙ୍ଗକୁ ଏ ଘରଚଟିଆ ଖାଇ ଦେଇଥାଏ। ଫଳରେ ଶସ୍ୟକୁ କୀଟପତଙ୍ଗ ଦାଉରୁ ରକ୍ଷା ପାଇଥାଏ। ଏମାନେ ପ୍ରତି ଗାଆଁରେ ପାଣିପାଗ ସମ୍ପର୍କରେ ବାର୍ତ୍ତା ବି ଦେଇଥାନ୍ତି। ଲୋକମତ ଅନୁସାରେ ଘର ଆଗରେ ଘରଚଟିଆ ବସାଟିଏ ଥିଲେ ଶୁଭ ହୋଇଥାଏ। ଛୋଟ ପକ୍ଷୀଟିଏ ହେଲେ ମଧ୍ୟ ପ୍ରକୃତି ଓ ମଣିଷ ସମାଜ ପାଇଁ ଏହାର ଅବଦାନ ଅତୁଳନୀୟ। ତେଣୁ ଏକ ଛୋଟ ଚାଳ ଘର କରି ନିଜ ଘର ସାମ୍ନାରେ ରଖି ସେ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି।

## ମାରଣାସ୍ତ୍ର ଜବତ; ୫ ଗିରଫ

ଭୁବନେଶ୍ୱର, ୧୯ ।୩ (ସମିସ): ରେଳଯାତ୍ରୀଙ୍କ ଠାରୁ ବଡ଼ଧରଣର ଡକାୟତି କରିବା ଲାଗି ଯୋଜନା କରୁଥିବା ଏକ ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରିଛି ଜିଆର୍‌ପି। ଗିରଫ ଅଭିଯୁକ୍ତମାନେ ହେଲେ ଭବାନୀଶଙ୍କର, ମନୋଜ ଗୌଡ଼, ତୋଫାନ ସେଠୀ, ଚନ୍ଦନ ବେହେରା ଓ ଜିତେନ୍ଦ୍ର ସେଠୀ। ସେମାନଙ୍କ ଠାରୁ ମାରଣାସ୍ତ୍ର, ମୋବାଇଲ ଫୋନ୍ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ପୁଲିସ କହିବା ଅନୁଯାୟୀ, ଅଭିଯୁକ୍ତମାନେ ରେଳଯାତ୍ରୀଙ୍କ ଠାରୁ ଲୁଟ୍ କରିବାକୁ ଯୋଜନା କରିଥିଲେ। ଯାତ୍ରୀଙ୍କ ବେଶରେ ରେଳରେ ପଶି ଯାତ୍ରୀଙ୍କ ଠାରୁ ସୁନାଗହଣା ଓ ଟଙ୍କା ଲୁଟ୍ ଲାଗି ରେଲୱେ ଟ୍ରାକ ନିକଟରେ ଥିବା ଏକ ସ୍ଥାନରେ ୫ ଅଭିଯୁକ୍ତ ବସିଥିଲେ। ସେଇ ସମୟରେ ଜିଆର୍‌ପି ପକ୍ଷରୁ ଚଢ଼ଉ କରି ୫ଜଣଙ୍କୁ କାବୁ କରିଥିଲେ। ଅନୁରୂପ ଭାବେ ପ୍ରଶାନ୍ତି ଏକ୍ସପ୍ରେସ୍‌ରୁ ଯାଉଥିବା ଯାତ୍ରୀଙ୍କ ଠାରୁ ଲୁଟ୍ କରିଥିବା ଲୁଟେରାଙ୍କୁ ଗିରଫ କରିଛି ଜିଆର୍‌ପି। ଗିରଫ ଲୁଟେରା ଗଞ୍ଜାମ ପୋଲସରାର କାଳିଆ ସାହୁ।

## ଜୈବ ବିବିଧତା ପରିଚାଳନା: ଟାଟା ଷ୍ଟିଲ୍ ପୁରସ୍କୃତ

ଭୁବନେଶ୍ୱର,୧୯।୩(ସିମସ): ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ଆଇଟିସି ସଷ୍ଟେନେବିଲିଟି ଆୱାର୍ଡସ୍ ୨୦୨୩ରେ ଟାଟା ଷ୍ଟିଲ୍‌ର ସୁକିନ୍ଦା କ୍ରୋମାଇଟ୍ ଖଣିକୁ 'ଜୈବବିବିଧତା ପରିଚାଳନା ଉତ୍କର୍ଷ' ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନୀର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ ଡିଭିଜନ (ଏଫ୍‌ଏଏମ୍ଡି) ଅଧୀନରେ ପରିଚାଳିତ ଏହି ଖଣିକୁ ଏହାର କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ ଜୈବବିବିଧତାର ସଂରକ୍ଷଣ ପ୍ରତି ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆଇଟିସି ଲିମିଟେଡ଼ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ତଥା ସିଆଇଆଇର ମନୋନୀତ ସଭାପତି ସଞ୍ଜୀବ ପୁରୀ ନୂଆଦିଲ୍ଲୀର ତାଜମହଲ ହୋଟେଲଠାରେ ଆୟୋଜିତ ୧୮ତମ ସିଆଇଆଇ ଆଇଟିସି ସଷ୍ଟେନେବିଲିଟି ପୁରସ୍କାର ସମାରୋହରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛନ୍ତି। ସୁକିନ୍ଦା କ୍ରୋମାଇଟ୍ ଖଣିର ମୁଖ୍ୟ (ଖଣି) ଦେବରାଜ ତିୱାରୀ ଏହି ପୁରସ୍କାର



ଗ୍ରହଣ କରିଛନ୍ତି। ଏହି ଅବସରରେ ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତୀଜା।

ଖୁସି ବ୍ୟକ୍ତ କରି କହିଛନ୍ତି ଯେ, ଉନ୍ନବିଂଶ ଶତାବ୍ଦୀର ପ୍ରଖ୍ୟାତ ଆମେରିକୀୟ ନେତା ଚିଫ୍ ସିଆଟଲ୍ କହିଥିଲେ ଯେ ପୃଥିବୀ ମଣିଷ ମାନଙ୍କର ନୁହେଁ, ବରଂ ମଣିଷମାନେ ପୃଥିବୀର। ଜୈବ ବିବିଧତା ସଂରକ୍ଷଣ ଦିଗରେ ଆମର ନିରନ୍ତର ପ୍ରୟାସପ୍ରତି ଏହି ସମ୍ମାନ ପାଇଁ ସମସ୍ତ ଜୁରୀ ସଦସ୍ୟଙ୍କୁ ଧନ୍ୟବାଦ। ଏହା ନିଶ୍ଚିତ ଭାବରେ ଆମ ଟିମ୍‌କୁ ଆମର ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖିବାକୁ ପ୍ରେରଣା ଯୋଗାଇବ।



# ଭୁବନେଶ୍ୱର ସିଟି

## ବିଜୟ ଅମୃତା କୁଲାଙ୍ଗେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର, ୧୯ ।୩(ସମିସ): ଆଇଏଏସ୍ ବିଜୟ ଅମୃତା କୁଲାଙ୍ଗେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ହୋଇଛନ୍ତି। ବିଏମସିର କମିସନର ଭାବେ କାର୍ଯ୍ୟ କରୁଥିବା ଶ୍ରୀ କୁଲାଙ୍ଗେ କିଛି ଦିନ ତଳେ ଛୁଟିରେ ଯାଇଥିଲେ। ଏବେ ରାଜ୍ୟ ସରକାର ତାଙ୍କୁ ଏହି ନୂଆ ନିଯୁକ୍ତି ଦେଇଛନ୍ତି। ଏନେଇ ମଙ୍ଗଳବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ କୁଲାଙ୍ଗେ ଏହା ପୂର୍ବରୁ ବିଏମସି କମିସନର ସହିତ ଗଞ୍ଜାମର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି।

## ୧୨ ଥାନା ଅଞ୍ଚଳରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

ଭୁବନେଶ୍ୱର, ୧୯ ।୩(ସମିସ): ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶରେ ସୋମବାର ଭୁବନେଶ୍ୱର ସହରାଞ୍ଚଳର ୧୨ଟି ଥାନା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବିଶେଷକରି ଲିଙ୍ଗରାଜ ଥାନା ଅନ୍ତର୍ଗତ ଲିଙ୍ଗରାଜ ନଗର, ଜାମ୍ବେଶ୍ୱର ପାଟଣା, ରାମେଶ୍ୱର ପାଟଣା, ନାଗେଶ୍ୱରଟାଙ୍ଗି, ବାରିକସାହି, ଧଉଳି ଥାନା, ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର, ଡୁମଡୁମା, ବେଗୁଣିଆ, ପଞ୍ଚସଖା ନଗର, ଜାଗମରା, ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରିବାରି, ତମାଣ୍ଡୋ ଥାନା ଅନ୍ତର୍ଗତ କେ-୪, ଭାଗବନପୁର, ବଳିଆପଡ଼ା, କାଶୀପୁର, ଜଟଣୀ ଥାନା ଅନ୍ତର୍ଗତ ରଥିପୁର, ନିରଞ୍ଜନପୁର, କଣ୍ଟିଆ, ବଡ଼ଗଡ଼ ଥାନା ଅନ୍ତର୍ଗତ ମଇଁଷିଖାଲ, ହରିହର, ତାରିଣୀ ବସ୍ତି, ବଡ଼ଗଡ଼ ଗାଁ, ଚିଲ୍ଲି ପୋଖରୀ, ବାଲିଅନ୍ତା ଥାନା ଅନ୍ତର୍ଗତ ବାଲିଅନ୍ତା, ବାଲକାଟି, ବାଲିପାଟଣା ଥାନା ଅନ୍ତର୍ଗତ ବନମାଳୀପୁର ଆଉଟପୋଷ୍ଟ ଅଞ୍ଚଳ, ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହି, ନନ୍ଦନକାନନ ଥାନା ଅନ୍ତର୍ଗତ କଲ୍ୟାଣପୁର, ଗଣ୍ଡରପୁର, ଏବଂ ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ, ଆଦି ଅଞ୍ଚଳରେ ସମ୍ପୃକ୍ତ ଥାନାର ଅଫିସର, ଟିମ-୬୦ କର୍ମଚାରୀ, ଏବଂ ଏକ ପ୍ଲାଟୁନ ଲେଖାଏଁ ଫୋର୍ସଙ୍କ ସହିତ ମାର୍ଚ୍ଚ କରାଯାଇ ସାଧାରଣ ଲୋକଙ୍କ ମନୋବଳ ସୁଦୃଢ଼ କରିବା ସହ ସେମାନଙ୍କୁ ସଚେତନ କରାଯାଇଥିଲା। ନିର୍ବାଚନ ପୂର୍ବରୁ ଅପରାଧିକ କାର୍ଯ୍ୟକଳାପ ଓ ଅପରାଧୀଙ୍କୁ ଦମନ କରିବା ସହିତ ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଓ ଭୋଟର ମାନଙ୍କର ମନୋବଳ ବୃଦ୍ଧି କରିବା ନିମନ୍ତେ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ ମାର୍ଚ୍ଚ ସମୟରେ ବିଭିନ୍ନ ଅଞ୍ଚଳରେ ପାଟ୍ରୋଲିଂ କରାଯାଇ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା, ବିଭିନ୍ନ ଅସାମାଜିକ ତତ୍ତ୍ୱ ଏବଂ ଦାଗୀ ଅପରାଧୀଙ୍କୁ ଧରପଗଡ଼ କରିବା ସହିତ ବେଆଇନ ନିଶା କାରବାର ଉପରେ ଚଢ଼ଉ ଜାରି ରହିଛି।

## ସମବାୟ ଗୃହ ନିର୍ମାଣର ନିର୍ଦ୍ଦେଶକ ହେଲେ ପ୍ରତାପ ସାମଲ

ଭୁବନେଶ୍ୱର, ୧୯ ।୩ (ସମିସ): ରାଜ୍ୟ ସମବାୟ ଗୃହ ନିର୍ମାଣ ନିଗମର ନିର୍ଦ୍ଦେଶକ ଭାବେ ବରିଷ୍ଠ ସମବାୟବିତ୍ ପ୍ରତାପ ଚନ୍ଦ୍ର ସାମଲଙ୍କୁ ମନୋନୀତ କରାଯାଇଛି। ସେ ଜଣେ ଦକ୍ଷ ସମବାୟ ରାଜନୈତିଜ୍ଞ ତଥା ନିଷ୍ଠାପର, କର୍ତ୍ତବ୍ୟ ପରାୟଣ, ସଚ୍ଚୋଟ



ଓ ବିଭିନ୍ନ ସମବାୟ ଅନୁଷ୍ଠାନର ପରିଚାଳନା ପରିଷଦରେ ନିଜର ଅଭିଜ୍ଞତା ରଖିଛନ୍ତି। ତାଙ୍କର ଏ ନିଯୁକ୍ତି ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଭୁବନେଶ୍ୱର: ଦୂରହେଲା ଦୀର୍ଘଦିନର ସମସ୍ୟା

# ଷ୍ଟେସନ୍‌ରେ କ୍ୟୁଆର୍ କୋଡ୍ ସ୍କାନର୍

ଭୁବନେଶ୍ୱର, ୧୯ ।୩(ସମିସ):

ବିଳମ୍ବରେ ହେଲେ ମଧ୍ୟ ରେଳ ଯାତ୍ରୀମାନଙ୍କର ବଡ଼ ସମସ୍ୟା ଦୂର ହୋଇଛି। ଭୁବନେଶ୍ୱର ରେଳ ଷ୍ଟେସନ୍‌ର ଟିକଟ କାଉଣ୍ଟରରେ ମଙ୍ଗଳବାରଠାରୁ କ୍ୟୁଆର୍ କୋଡ୍ ସ୍କାନର୍ ଲାଗିଛି। ଫଳରେ ଯାତ୍ରୀ ତୁରନ୍ତ ସ୍କାନ୍ କରି ୟୁପିଆଇ ପେମେଣ୍ଟ କରି ଟିକଟ ନେଇପାରିବେ। ପୂର୍ବପରି ଆଉ ନଗଦ ଟଙ୍କା କିମ୍ବା ଖୁଚୁରା ସମସ୍ୟା ରହିବ ନାହିଁ। ଭୁବନେଶ୍ୱର ରେଳ ଷ୍ଟେସନ୍‌ର ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ଟିକଟ କାଉଣ୍ଟରରେ କ୍ୟୁଆର କୋଡ୍ ସ୍କାନର୍ ସୁବିଧା ଉପଲବ୍ଧ କରାଯାଇଛି। ଶୀଘ୍ର ଓଡ଼ିଶାର ଅନ୍ୟ ରେଳ ଷ୍ଟେସନ୍ ଗୁଡ଼ିକରେ ମଧ୍ୟ ସ୍କାନର୍ ସୁବିଧା ମିଳିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ସର୍ବାଧିକ ଭିଡ଼ ହୋଇଥାଏ। ପ୍ରତିଦିନ ଶତାଧିକ ଟ୍ରେନ୍ ଚଳାଚଳ କରୁଥିବା ଭୁବନେଶ୍ୱର ରେଳ ଷ୍ଟେସନ୍ ଉପରେ ଲକ୍ଷାଧିକ ଯାତ୍ରୀ ନିର୍ଭର କରନ୍ତି। ସେହି ଅନୁସାରେ ଟିକଟ କାଉଣ୍ଟରରେ ପ୍ରବଳ ଭିଡ଼ ହେବା ଏକ ସାଧାରଣ କଥା। କିନ୍ତୁ ଯେଉଁଠି ଗୁପ୍‌ଚୁପ୍ ଠେଲା ଠାରୁ ଆରମ୍ଭ କରି ହୀରା ଦୋକାନରେ କ୍ୟୁଆର୍ କୋଡ୍ ସ୍କାନର୍‌ରେ ଲୋକେ ଟଙ୍କା ଦେଉଛନ୍ତି, ସେଠି ବର୍ଷ ବର୍ଷ ଧରି ରେଳ ଷ୍ଟେସନ୍‌ରେ



ଯାତ୍ରୀ ଦୁର୍ଦ୍ଦଶା ଭୋଗୁଥିଲେ। ଟିକଟ କିଣିବା ପାଇଁ ନଗଦ ଟଙ୍କା ଥିବା ଜରୁରୀ ଥିଲା। ହାତରେ ଟଙ୍କା ନଥିଲେ ଆଗ ଏଟିଏମ୍ କାଉଣ୍ଟର ଆଗରେ ଧାଡ଼ିରେ ଛିଡ଼ା ହେବାକୁ ପଡୁଥିଲା ଓ ପରେ ଟିକଟ କିଣିବାକୁ ଆସୁଥିଲେ। ଏମିତି ଦୌଡ଼ା ଦୌଡ଼ି ଭିତରେ ଟ୍ରେନ୍ ପଳାଇ ଯାଉଥିଲା। ଏପଟେ ଖୁଚୁରା ପାଇଁ ଟିକଟ କାଉଣ୍ଟରରେ ଥିବା କର୍ମଚାରୀ ମଧ୍ୟ ସମସ୍ୟା ଭୋଗୁଥିଲେ। ପୂର୍ବରୁ କେବଳ ସଂରକ୍ଷିତ ଟିକଟ କାଉଣ୍ଟରରେ ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଥିଲା। କିନ୍ତୁ କ୍ୟୁଆର୍ କୋଡ୍ ସ୍କାନର୍ ବଦଳରେ ଟିକଟ

**ଆଉ ଟିକଟ କିଣିବା ବେଳେ ରହିବନି ଖୁଚୁରା ସମସ୍ୟା**

ଫର୍ମରେ ୟୁପିଆଇ ଆଇଡି ଲେଖିବାକୁ ପଡୁଥିଲା। କାଉଣ୍ଟରରେ ବସିଥିବା ଅଧିକାରୀ କମ୍ପ୍ୟୁଟରରୁ ସମ୍ପୃକ୍ତ ୟୁପିଆଇ ଆଇଡିରେ ପେମେଣ୍ଟ ଲିଙ୍କ୍ ପଠାଇବା ପରେ ଟିକଟ୍ ମୂଲ୍ୟ ପୈଠ କରି ହେଉଥିଲା। ତେବେ ଏହା ବହୁ ସମୟ ସାପେକ୍ଷ ଓ ସମସ୍ୟାବହୁଳ ଥିଲା। ସ୍କାନର୍ ଅଭାବକୁ ନେଇ ଯାତ୍ରୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖା ଦେଇଥିଲା। ତେବେ ଯାତ୍ରୀମାନଙ୍କର ବଡ଼ ସମସ୍ୟା ଏବେ ଦୂର ହୋଇଛି।

## ଦୁଇଦିନିଆ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ଉଦ୍‌ଯାପିତ

ଭୁବନେଶ୍ୱର, ୧୯ ।୩(ସମିସ): 'ସାଂସ୍କୃତିକ ସମ୍ବଳ କେନ୍ଦ୍ର' ପକ୍ଷରୁ ଦୁଇଦିନିଆ ଶାସ୍ତ୍ରୀୟ ତଥା ଉପ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ସନ୍ଧ୍ୟାରେ କବିତିଳକ ଆର୍ତ୍ତତ୍ରାଣ ଶତପଥୀଙ୍କ ୮୩ତମ ଜୟନ୍ତୀ ଅବସରରେ ଏକ ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମ 'ଗୀତରେ ଗୀତରେ ଆର୍ତ୍ତତ୍ରାଣ' ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ସଙ୍ଗୀତା ଗୋସ୍ୱାଇଁ, ଗୁରୁ ନିମାକାନ୍ତ ରାଉତରାୟ, ସୁମିତାରାଣୀ ବିଶ୍ୱାଳ, ସ୍ମୃତିରେଖା ପ୍ରତିହାରୀ, ପ୍ରକାଶିନୀ ସାହୁ, ଯଜ୍ଞଦତ୍ତ ଦାସ, ସୁଭଦ୍ରା ସିଂହ, ମୀରାମ୍ବିକା ପାତ୍ର, ଦର୍ଶନା କର, ସାନ୍‌ଭୀ ପଟ୍ଟନାୟକ ଓ ସ୍ୱପ୍ନା ପ୍ରମୁଖ କଣ୍ଠଦାନ କରିଥିଲେ।

ଦ୍ୱିତୀୟ ସନ୍ଧ୍ୟାରେ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ 'ରେ ସମୟ' ଆୟୋଜିତ ହୋଇଥିଲା। ଗୀତିକାର ଗୁରୁ ଶତପଥୀ, ବିଜୟ କୁମାର ପଣ୍ଡା, ବୈଦନାଥ ଖିଲାର ଓ ବସନ୍ତ ଦାସଙ୍କ ଗୀତିକବିତାକୁ ସ୍ୱରରେ ସ୍ୱରରେ ଶ୍ରୋତାଙ୍କ ନିକଟରେ ପହଞ୍ଚାଇଥିଲେ କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଆଦ୍ୟାଶା ଦାସ, ରଶ୍ମିତା ଦାସ, ପ୍ରକାଶିନୀ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ସାନ୍‌ଭୀ ପଟ୍ଟନାୟକ ଓ ଗୋବିନ୍ଦ। ବିଭୁ ପ୍ରସାଦ ତ୍ରିପାଠୀ, ଗୁରୁ ଶରତ ପାଣି, ଏସ୍ ସୀମାଦ୍ରି, ଭବତୋଷ ମହାନ୍ତି, ଶିବ ନାରାୟଣ ମହାନ୍ତି, ଯାମିନୀକାନ୍ତ ସାହୁ ଓ ସାଗର ସହଯୋଗ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ସିବିଆଇର ପୂର୍ବତନ ଅତିରିକ୍ତ ଆଇନ ପରାମର୍ଶଦାତା କାଳୀଚରଣ ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ପଦ୍ମନାଭ ଷ୍ଟୁଡିଓର ପରିଚାଳନା ନିର୍ଦ୍ଦେଶକ ସନାତନ ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ।

## ଡାଲଖାଇ ଠାକୁରାଣୀଙ୍କ ବାର୍ଷିକୋତ୍ସବ



ଭୁବନେଶ୍ୱର, ୧୯ ।୩(ସମିସ): ଶିଶୁପାଳଗଡ଼ ବଡ଼ଟାଙ୍ଗୀ ଗ୍ରାମବାସୀଙ୍କ ପକ୍ଷରୁ ମା' ଡାଲଖାଇ ଠାକୁରାଣୀଙ୍କ ପ୍ରଥମ ବାର୍ଷିକୋତ୍ସବ ଓ ଚତୁର୍ଦ୍ଦଶ ବାର୍ଷିକ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ କୃପା ଲାଭ କରିଥିଲେ। ଏଥିସହ ଗ୍ରାମବାସୀଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲାଣ୍ଟରେ ବିପିଏନ୍‌ଏସ୍‌ଆଇର କର୍ମଶାଳା

ଭୁବନେଶ୍ୱର, ୧୯ ।୩(ସମିସ): ଇସ୍ପାତ ମନ୍ତ୍ରଣାଳୟ ଅଧୀନ କଳିଙ୍ଗ ନଗର ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଅଧୀନସ୍ଥ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ କାରଖାନାରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ମେକିଙ୍ଗ, ପ୍ରୋସେସ୍ ଡିଟେଲ୍ ଏବଂ ଇମୋସନାଲ୍ ଇଣ୍ଟେଲିଜେନ୍ସ, ମେଣ୍ଟେନାନ୍ସ ମ୍ୟାନେଜ୍‌ମେଣ୍ଟ ସମ୍ବନ୍ଧୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ର ମାନବ ସମ୍ବଳ ମୁଖ୍ୟ ରାକେଶ ପାଠକ ବିପିଏନ୍‌ଏସଆଇର କର୍ମଚାରୀମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସିନାଲ୍ ପ୍ରି ପ୍ରୋଗ୍ରାମ୍ କର୍ମଶାଳାର ମହତ୍ତ୍ୱ ବୁଝାଇବା ସହିତ କର୍ମଶାଳାର ସଫଳ କାମନା କରିଥିଲେ।





ବିପିଏନ୍‌ଏସ୍‌ଆଇ ତରଫରୁ ସ୍ନିଗ୍ଧା ଘୋଷ୍ ଷ୍ଟେନ୍‌ଲେସ୍ ଷ୍ଟିଲ ମେକିଙ୍ଗର ବିଭିନ୍ନ ପ୍ରୋସେସ୍ ବିଷୟରେ ବିସ୍ତୃତ ବିବରଣୀ ପ୍ଲାଣ୍ଟର ଇଞ୍ଜିନିୟରମାନଙ୍କୁ ବୁଝାଇଥିଲେ। କର୍ମଶାଳାର ଦ୍ୱିତୀୟ ଦିନରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରୀତମ୍ ପୁରକାୟସ୍ଥ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ସ୍ୱାଗତ ଭାଷଣ ଦେଇ ଅନୁଷ୍ଠାନର କାର୍ଯ୍ୟ ଖସଡ଼ା, ଉପାଦେୟତା ଏବଂ ଇସ୍ପାତ ଶିଳ୍ପ ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ପରେ ବିପିଏନ୍‌ଏସ୍‌ଆଇରେ କାର୍ଯ୍ୟରତ ଶୁଶ୍ରୀ ଇତିଶ୍ରୀ ରାଉତ ମେଣ୍ଟନାନ୍ସ ମ୍ୟାନେଜମେଣ୍ଟ ବିଷୟରେ ନିଜ ଶୈକ୍ଷଣିକ ସନ୍ଦର୍ଭ ଉପସ୍ଥାପନା କରୁଥିଲେ। ସେହିପରି ଆଇଆଇଟି ଭୁବନେଶ୍ୱରର ପ୍ରଫେସର୍ ବ୍ରହ୍ମ ଦେଓ ପ୍ରେଡିକ୍ଟିଭ୍ ଆଣ୍ଡ ପ୍ରିଭେଣ୍ଟିଭ ମେଣ୍ଟେନାନ୍ସ ଫର୍ ଡିଜିଟାଲ୍ ଟେକ୍ନୋଲୋଜି ବିଷୟରେ ବୁଝାଇଥିଲେ। ଶେଷରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲାଣ୍ଟର ମାନବ ସମ୍ବଳ ଅଧିକାରୀ ଶ୍ୟାମ ତ୍ରିପାଠୀ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ପ୍ରଫେସ୍‌ନାଲ୍ ପ୍ରି-ପ୍ରୋଗ୍ରାମ୍ କର୍ମଶାଳାର ମହତ୍ତ୍ୱ ଏବଂ ଗୁରୁତ୍ୱ ପଚାରି ବୁଝିଥିଲେ। କର୍ମଶାଳାରେ ବିପିଏନ୍‌ଏସ୍‌ଆଇର ଶାଶ୍ୱତି ମହାନ୍ତି, ଇତିଶ୍ରୀ ରାଉତ ଏବଂ ଭରତ ପ୍ରସାଦ ଶର୍ମା ଉପସ୍ଥିତ ଥିଲେ। ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ପ୍ରଫେସର୍ ସତ୍ୟପ୍ରିୟ ଶତପଥୀ କର୍ମଶାଳା ସଞ୍ଚାଳନ କରିଥିଲେ।

## 'ଫାଲଗୁନ୍ ଆସର'ରେ ସାହିତ୍ୟ ଚର୍ଚ୍ଚା



ଭୁବନେଶ୍ୱର, ୧୯ ।୩(ସମିସ): କବି ଡ. ପ୍ରସନ୍ନ କୁମାର ମିଶ୍ରଙ୍କ ଜୟନ୍ତୀ ଅବସରରେ ବୁଦ୍ଧ ମନ୍ଦିର ପରିସରରେ 'ଫାଲଗୁନ୍ ଆସର' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଚୀତାରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁବାଦିକା ସ୍ନେହପ୍ରଭା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବି ମିଶ୍ରଙ୍କ ଉପନ୍ୟାସ 'ବଢ଼ିପାଣିର ଦାନ୍ତ'ର ଇଂରାଜୀ ଅନୁବାଦ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଭରତ ବେହେରା ଯୋଗଦେଇ ଆଲୋଚନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଶୁତୋଷ ପରିଡ଼ା ଯୋଗ ଦେଇଥିବାବେଳେ କବି ମିଶ୍ରଙ୍କ ଲୋକପ୍ରିୟ କବିତା ସିରିଜ୍ 'ମନିକାର ପ୍ରିୟ' ଓ ଅନ୍ୟାନ୍ୟ ରଚନା ଉପରେ ମତ ରଖିଥିଲେ। କେଦାର ମିଶ୍ର ସଭା ପରିଚାଳନା କରିଥିବାବେଳେ ହିରଣ୍ମୟୀ ମିଶ୍ର, ଶକ୍ତି ମହାନ୍ତି ଓ ପିନାକୀ ସିଂ ପ୍ରସନ୍ନ ମିଶ୍ରଙ୍କ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାଶ ପଟ୍ଟନାୟକ, ଗିରିବାଳା ମହାନ୍ତି, ସରୋଜିନୀ ସାହୁ, ଗୋଲାପ ମଞ୍ଜରୀ କର, ଜୟନ୍ତୀ ରଥ, ଅସିତ୍ ମହାନ୍ତି, ସ୍ୱପ୍ନା ମିଶ୍ର, ମାନସ ରଞ୍ଜନ ସାମଲ, କନକ ମଞ୍ଜରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନର୍ସିଂହୋମ୍ ମାଲିକ ଗିରଫ

କଟକ, ୧୯ ।୩(ସମିସ): ଜାମିନବିହୀନ ଗିରଫ ପରୱାନା(ଏନବିଡବ୍ଲ୍ୟୁ) ବଳରେ ମଙ୍ଗଳାବାଗ ଥାନା ପୁଲିସ ଆଜି ଜଣେ ନର୍ସିଂହୋମ୍ ମାଲିକଙ୍କୁ ଗିରଫ କରିଛି। ଅଭିଯୁକ୍ତଜଣକ ହେଲା ମଙ୍ଗଳାବାଗ କାଠଗୋଲା ସାହିରେ ଥିବା ଉର୍ମିଳା ନର୍ସିଂହୋମର ମାଲିକ ଅଭୟ କୁମାର ଦାସ। ପୁଲିସ ତାଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଆର୍ଥିକ କାରବାର ମାମଲାରେ ଜେଏମ୍‌ଏଫସି(ସିଟି) କୋର୍ଟରୁ ଅଭୟଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ(ଜାମିନବିହୀନ ଗିରଫ ଫରୱାନ) ଜାରି କରାଯାଇଥିଲା। ଏହାରି ବଳରେ ମଙ୍ଗଳାବାଗ ଥାନା ପୁଲିସ ଅଭୟଙ୍କୁ ଗିରଫ କରିଛି। ପୂର୍ବରୁ ତା' ନାମରେ ୪ଟି ମାମଲା ରହିଥିବା ଜୋନ୍ ଏସିପି ଗିରିଜାଶଙ୍କର ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

## ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଗିରଫ

କଟକ, ୧୯ ।୩(ସମିସ): ଏକ ଦୁଷ୍କର୍ମ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତକୁ ମଙ୍ଗଳବାର ଗିରଫ କରିଛି ଲାଲବାଗ ଥାନା ପୁଲିସ। ଅଭିଯୁକ୍ତଜଣକ ହେଲା ଡଗରପଡ଼ା ହାଡ଼ଗୋଡ଼ିଆ ସାହିର ମନୋଜକୁମାର ଜେନା ଓରଫ ସନିଆ(୨୫)। ୨୦୧୩ରେ ଲାଲବାଗ ଥାନା ଅଞ୍ଚଳରେ ଏକ ଦୁଷ୍କର୍ମ ଘଟଣା ଘଟିଥିଲା। ଘଟଣାର ତଦନ୍ତ ଚଳାଇ ପୁଲିସ ଅଭିଯୁକ୍ତ ସନିଆକୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ପରେ ସନିଆ କୋର୍ଟରୁ ସର୍ତ୍ତମୂଳକ ଜାମିନ୍‌ରେ ମୁକୁଳିଥିଲା। ପରେ ସେ କୋର୍ଟରେ ଆଉ ହାଜିରା ଦେଇ ନଥିଲା।

## ଆଇଆଇଟିରେ ଅନ୍ତର୍ଜାତୀୟ ମହିଳା ଦିବସ



ଭୁବନେଶ୍ୱର, ୧୯ ।୩(ସମିସ): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଆଇଆଇଟି) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସୋମବାର ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ମହିଳା କଲ୍ୟାଣ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସ୍‌ର ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗର ମୁଖ୍ୟ ଡ. ଶ୍ୱେତା ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଗର୍ଭାଶୟ କର୍କଟ ଓ ସ୍ତନ କର୍କଟ ସମ୍ପର୍କରେ ଆଲୋକପାତ କରିଛନ୍ତି। ଗର୍ଭାଶୟ କର୍କଟକୁ ରୋକିବା ପାଇଁ ଟିକା ଓ ଗର୍ଭାବସ୍ଥାରେ ମହିଳାଙ୍କ ବିଶେଷ ଯତ୍ନ ବିଷୟରେ ସେ ଅବଗତ କରିଛନ୍ତି। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ୍ କରମଲକର କହିଛନ୍ତି, ବିଭିନ୍ନ ସର୍ଭେ ଅନୁଯାୟୀ ନିକଟ ଅତୀତରେ ବୈଷୟିକ ଶିକ୍ଷା ପ୍ରତି ଛାତ୍ରୀମାନେ ଆକୃଷ୍ଟ ହେଉଛନ୍ତି। ପାରମ୍ପରିକ ବୃତ୍ତି ବ୍ୟତୀତ ବିଭିନ୍ନ ବୃତ୍ତିରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି। ସେହିପରି ମହିଳା କଲ୍ୟାଣ ସମିତିର ଅଧ୍ୟକ୍ଷା ଡ. ମନସ୍ୱିନୀ ବେହେରା ମହିଳାଙ୍କ କଲ୍ୟାଣ ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ଆଲୋକପାତ କରିଛନ୍ତି। ଶେଷରେ ମହିଳା କଲ୍ୟାଣ ସମିତିର ସଦସ୍ୟ ସଚିବ ଡ. ପ୍ରାମା ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଛନ୍ତି।

## 'ଚେତନା' ବୁଲିଲେ ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ

ଭୁବନେଶ୍ୱର, ୧୮ ।୩(ସମିସ):

ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ଭୁବନେଶ୍ୱରସ୍ଥିତ ଚେତନା ମାନସିକ ଅନଗ୍ରସର ଅନୁଷ୍ଠାନକୁ ପରିଭ୍ରମଣରେ ଆସିଥିଲେ। ଚେତନା ଅନୁଷ୍ଠାନ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷାରେ ଡିପ୍ଲୋମା, ବି.ଇଡ଼ି, ଏମ୍.ଇଡି ଓ ସ୍ନାତକୋତ୍ତର ମନୋବିଜ୍ଞାନ ବିଭାଗରେ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଛନ୍ତି। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ପକ୍ଷରୁ ଆସିଥିବା ପୋଷ୍ଟ ମାଟ୍ରିକ ଛାତ୍ରବୃତ୍ତିକୁ ଛାତ୍ରଛାତ୍ରୀମାନେ ଆବେଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପରିଭ୍ରମଣରେ ଆସି ଛାତ୍ରବୃତ୍ତି ଆବେଦନର ଯାଞ୍ଚ କରିଥିଲେ।



ତତ୍‌ସହିତ ସାମାଜିକ ସୁରକ୍ଷା ବିଭାଗ ଅଧୀନରେ ଚାଲୁଥିବା ଚେତନା ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟକୁ ଶ୍ରୀ ହିଆଲ ପରିଦର୍ଶନ କରି ଛାତ୍ରଛାତ୍ରୀମାନଙ୍କ ସହ କିଛି ସମୟ ବିତାଇଥିଲେ। ଏହାସହ ବିଦ୍ୟାଳୟ ବୁଲି ଦେଖିବା ସହ ଛାତ୍ରଛାତ୍ରୀନିବାସ ବୁଲି ଦେଖିଥିଲେ। ଅନୁଷ୍ଠାନର କର୍ମଚାରୀଙ୍କ ସହ ଆଲୋଚନା କରି ଅସୁବିଧା ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କ ସହ ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିନୟ ଭୂଷଣ ମହାପାତ୍ର, ଚେତନା ମାନସିକ ଅନଗ୍ରସର ବିଦ୍ୟାଳୟର ଅଧ୍ୟକ୍ଷା ସବିତା ପ୍ରଧାନ ଏବଂ ଚେତନା ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ବେଆଇନ ଲିଙ୍ଗ ନିରୂପଣ ଘଟଣା**

## ଡାକ୍ତର ପୁଣ୍ୟଶ୍ଳୋକ ନିଲମ୍ବିତ

କଟକ, ୧୯ ।୩(ସମିସ): ବେଆଇନ ଲିଙ୍ଗ ନିରୂପଣ ଘଟଣାରେ ବନ୍ଧା ହୋଇ ଜେଲ୍ ଯାଇଥିବା ଡାକ୍ତର ପୁଣ୍ୟଶ୍ଳୋକ ଦାସଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ବିଭାଗ ପକ୍ଷରୁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କ କାର୍ଯ୍ୟାଳୟକୁ ଚିଠି (ନଂ-୭୨୧୭) ଆସିଛି। ଗତ ଫେବୃୟାରୀ ୯ ତାରିଖରେ ଡାକ୍ତର ଦାସଙ୍କୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଥିଲା। ଏହି ଦିନ ଠାରୁ ତାଙ୍କ ଉପରେ ବିଭାଗ ପକ୍ଷରୁ ନିଲମ୍ବନ ଆଦେଶ ଲଗାଯାଇଛି। ଦେବଗଡ଼ ବାମପଦା ସିଏଚସିରେ ମେଡିକାଲ ଅଫିସର ଭାବେ ଡାକ୍ତର ଦାସ ନିଯୁକ୍ତ ହୋଇଥିଲେ। ସ୍ୱାସ୍ଥ୍ୟ ବିଭାଗର ପରବର୍ତ୍ତୀ ପଦକ୍ଷେପ ପର୍ଯ୍ୟନ୍ତ ସେ ଦେବଗଡ଼ ମୁଖ୍ୟାଳୟ ଛାଡ଼ି ଯାଇପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ ପ୍ରଦତ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ପ୍ରକାଶ ଥାଉକି, ଅଭିଯୁକ୍ତ ଡାକ୍ତର ଦାସ ମଙ୍ଗଳାବାଗ ଥାନା ଅନ୍ତର୍ଗତ ଫ୍ରେଣ୍ଡସ୍ କଲୋନୀସ୍ଥିତ ନିଜ ଘରେ ଏକ କ୍ଲିନିକ୍ ଚଳାଉଥିଲେ। ଉକ୍ତ କ୍ଲିନିକ୍‌ରେ ଗର୍ଭ ପରୀକ୍ଷା କରିବା ସହିତ ବେଆଇନ୍ ଲିଙ୍ଗ ନିରୂପଣ ଭଳି ଅପରାଧିକ କାର୍ଯ୍ୟକଳାପ ଚାଲୁଥିଲା। ଅଲ୍‌ଟ୍ରାସାଉଣ୍ଡ ପରେ ଭ୍ରୁଣ ହତ୍ୟା ଭଳି ସଂଗୀନ ଅପରାଧିକ କାର୍ଯ୍ୟ ଡାକ୍ତର ଦାସ କରୁଥିବା ଅଭିଯୋଗ ଉଠିଥିଲା। ଏ ସମ୍ପର୍କରେ ଉପ ଜିଲ୍ଲାପାଳ କମଲ୍‌ଜିତ୍ ଦାସ ଜାଣିବା ପରେ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ଏହାପରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ସ୍ୱତନ୍ତ୍ର ସ୍କ୍ୱାଡ୍ ସହିତ ମଙ୍ଗଳାବାଗ ଥାନା ପୁଲିସ ଉପସ୍ଥିତ ରହି ଡାକ୍ତର ଦାସଙ୍କ ଘରେ ଚଢ଼ଉ କରିଥିଲେ। ଡାକ୍ତର ଦାସଙ୍କ ଘରୁ ବେଆଇନ୍ ଲିଙ୍ଗ ନିରୂପଣ କରାଯାଉଥିବା ପ୍ରମାଣ ମିଳିଥିଲା। ଚଢ଼ଉ ସମୟରେ ୨ଜଣ ମହିଳା ନିଜର ଗର୍ଭ ପରୀକ୍ଷା ପାଇଁ ଉପସ୍ଥିତ ଥିଲେ। ସେମାନଙ୍କୁ ସ୍କ୍ୱାଡ୍ ପଚରାଉଚରା କରିବା ପରେ ସେମାନେ ଲିଙ୍ଗ ନିରୂପଣ କରିବାକୁ ଆସିଥିବା ଜଣାପଡ଼ିଥିଲା। ଏହି ବେଆଇନ କାର୍ଯ୍ୟରେ ଡାକ୍ତର ଦାସଙ୍କ ପତ୍ନୀ ବିସ୍ମିତା ସହଯୋଗ କରୁଥିବାର ପ୍ରମାଣ ହସ୍ତଗତ ହୋଇଥିଲା। ଏଭଳି ସଂଗୀନ ଅଭିଯୋଗରେ ଚଢ଼ଉ ସମୟରେ ଡାକ୍ତର ଦମ୍ପତିଙ୍କୁ ଗିରଫ କରାଯାଇ ଜେରା କରାଯାଇଥିଲା। ଜେରା ସମୟରେ ଉଭୟ ଡାକ୍ତର ଓ ତାଙ୍କ ପତ୍ନୀ ଲିଙ୍ଗ ନିରୂପଣ କରୁଥିବା ସ୍ୱୀକାର କରିଥିଲେ।

